ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 20 | 15 - 21 May 2022 | Sambalpur | Page-12 | Invitation Price Rs.10

# ବ୍ରଜରାଜନଗର ଉପନିର୍ବାଚନରେ ସୁବିଧାଜନକ ସ୍ଥିତିରେ ବିଜେଡ଼ି





ଝାରସୁଗୁଡ଼ା: ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ପାଇଁ ମହାସମର ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି । ଏହି ନିର୍ବାଚନ ପାଇଁ ମୋଟ ୧୪ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିଲେ ମଧ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ରହିଛି । ପରଲୋକଗତ ବିଧାୟକ କିଶୋର ମହାନ୍ତିଙ୍କ ଅବର୍ତ୍ତମାନରେ ତାଙ୍କ ପତ୍ନୀ ଅଳକାଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ବିଜେପି ଓ କିଶୋର ପଟେଲ କଂଗ୍ରେସର ପ୍ରାର୍ଥୀ ଭାବରେ ମନୋନୀତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଗାମୀ ଉପନିର୍ବାଚନ ଅତ୍ୟନ୍ତ ରୋଚକ ହେବା ସମ୍ଭାବନା ସୃଷ୍ଟି ହୋଇଛି । ଦୀର୍ଘଦିନ ଧରି ସ୍ଥାନୀୟ ରାଜନୀତିର ଅନ୍ତର୍ଧାନ କିଶୋର ପଟେଲଙ୍କ ପୁନଃ ଆବିର୍ଭାବ ସ୍ଥାନୀୟ କଂଗ୍ରେସ ସଙ୍ଗଠନକୁ ପୁନର୍ଜୀବିତ କରିବାର ସମ୍ଭାବନା ଆରମ୍ଭରୁ ବିଜେଡିକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଛି ।

ବର୍ତ୍ତମାନର ରାଜନୈତିକ ସମୀକରଣ, ଦଳୀୟ ସ୍ଥିତି ସର୍ବୋପରି ଭୋଟରଙ୍କ ମାନସିକତାକୁ ପରଖିଲେ ଶାସକ ଦଳର ପ୍ରାର୍ଥୀ ଅଳକା ମହାନ୍ତି ନିଜର ପ୍ରତିଦ୍ୱନ୍ଦୀଙ୍କ ଠାରୁ ଯଥେଷ୍ଟ ଆଗରେ ରହିଛନ୍ତି । ନିକଟରେ ଅନୁଷ୍ଠିତ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳର ବିପୁଳ ବିଜୟ ବିଜେଡି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଅନ୍ୟ ପକ୍ଷରେ ପରଲୋକଗତ ବିଧାୟକ କିଶୋର ମହାନ୍ତିଙ୍କ ଲୋକପ୍ରିୟତା ଏବଂ ତାଙ୍କ ଅବର୍ତ୍ତମାନରେ ପତ୍ନୀ ଅଳକାଙ୍କ ପ୍ରତି ସୃଷ୍ଟି ହୋଇଥିବା ଅନୁକମ୍ପା ଦଳ ପାଇଁ ଉପଯୋଗୀ ହେବା କୁହାଯାଉଛି । ସର୍ବୋପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଆଗରେ ବିରୋଧୀଙ୍କ ସବୁ ରଣନୀତି ଫେଲ୍ ମାରୁଥିବା ବେଳେ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଦଳକୁ ସହଜ ଏବଂ ବିପୁଳ ବିଜୟ ଆଣିଦେବ ବୋଲି ଦଳୀୟ କର୍ମୀମାନେ ଦୃଢୋକ୍ତି ପ୍ରକାଶ କରିଆସିଛନ୍ତି ।

**ବ୍ରଜରାଜନଗ ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀ**

- ଅଳକା ମହାନ୍ତି - ବିଜେଡ଼ି
- ମନୋଜ ପ୍ରଧାନ- ଓଡ଼ିଶା ଜନତା ପାର୍ଟି
- ରାଧାରାଣୀ ପଣ୍ଡା- ବିଜେପି
- କିଶୋର ଚନ୍ଦ୍ର ପଟେଲ- କଂଗ୍ରେସ
- ଅଭୟ ଭାରତୀ ଶେଖାୱତ
- ରାଜପୁତ ଜେନ- ସାଧୀନ
- ତପନ କୁମାର ସାଇଁ - ସାଧୀନ
- ସୁପ୍ରିତ କୁମାର ବେହେରା- ସାଧୀନ
- ଆଦିତ୍ୟ ପ୍ରଧାନ- ସାଧୀନ
- ମନୋଜ ମେହେର -ସାଧୀନ
- ସୀତାରାମ ବେହେରା - ସାଧୀନ
- ଦୀନବନ୍ଧୁ ବିଶ୍ୱାଳ - ସାଧୀନ
- ପାର୍ବତୀ ବେହେରା - ସାଧୀନ
- ରମେଶ କୁମାର ତ୍ରିପାଠୀ - ସି.ପି.ଆଇ
- ବିଜୟ ଜଲାନ - ହିନ୍ଦୁସ୍ଥାନ ନିର୍ମାଣ ଦଳ ।

ବ୍ରଜରାଜନଗରର ନିର୍ବାଚନୀ ଇତିହାସ ଦେଖିଲେ ଗତ ୨୦୧୯ ପର୍ଯ୍ୟନ୍ତ ବିଜେଡି ସେଠାରେ କେବେ ବି ବିଜୟର ସ୍ୱାଦ ଚାଖି ନ ଥିଲା । ୨୦୦୯ ମସିହାରେ କଂଗ୍ରେସ ପ୍ରାର୍ଥୀ ଅନୁପ ସାଏ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୧୪ରେ ରାଧାରାଣୀ ପଣ୍ଡା ବିଧାୟିକା ଭାବେ ବିଧାନସଭାକୁ ଆସିଥିଲେ । ତେବେ ୨୦୧୯ ମସିହା ପରଠାରୁ ବ୍ରଜରାଜନଗରରେ ବଦଳିଥିବା ରାଜନୈତିକ ସମୀକରଣ ବିଜେଡି ପାଇଁ ଖୁବ୍ ଅନୁକୂଳ ସାବ୍ୟସ୍ତ ହୋଇଛି । ୨୦୧୪ ମସିହାରେ ବିଜେପିର ରାଧାରାଣୀ ପଣ୍ଡା ଏହି ଆସନରେ ବିଜେଡି ପ୍ରାର୍ଥୀ ଅନୁପ ସାଏଙ୍କୁ ସାଢ଼େ ୬ ହଜାରରୁ ଅଧିକ ଭୋଟରେ ହରାଇଥିଲେ । ରାଧାରାଣୀ ୫୦୭୩୬ ଖଣ୍ଡ ଭୋଟ ପାଇଥିବା ବେଳେ ଅନୁପଙ୍କୁ ୪୩୯୪୮ ଖଣ୍ଡ ଭୋଟ ମିଳିଥିଲା । ସେହିପରି କଂଗ୍ରେସର କିଶୋର ପଟେଲ ୩୮୧୭୫ ଖଣ୍ଡ ଭୋଟ ପାଇଥିଲା । ତେବେ ୨୦୧୯ ମସିହା ସାଧାରଣ ନିର୍ବାଚନରେ ବିଜେଡିର କିଶୋର ମହାନ୍ତି ୮୦୧୫୨ ଖଣ୍ଡ ଭୋଟ ପାଇଥିଲା ବେଳେ ବିଜେପିର ରାଧାରଣୀ ପଣ୍ଡା ୬୮୧୫୩ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । କଂଗ୍ରେସ ସମର୍ଥନ ସତ୍ତ୍ୱେ ଏହି ନିର୍ବାଚନରେ ସିପିଆଇକୁ ମାତ୍ର ୯୩୫୦ ଖଣ୍ଡ ଭୋଟ ମିଳିଥିଲା । ଅର୍ଥାତ୍ ୨୦୧୪ ନିର୍ବାଚନରେ ଉଭୟ ଦଳକୁ ମିଳିଥିବା ଭୋଟ ତୁଳନାରେ ୨୦୧୯ ସାଧାରଣ ନିର୍ବାଚନରେ ପ୍ରାୟ ୩୫ ହଜାର କମ୍ ଭୋଟ ମିଳିଥିଲା । ଯେଉଁ ଭୋଟ ଉଭୟ ବିଜେଡି ଓ ବିଜେପି ଖାତାକୁ ଯାଇଛି ।

ତେବେ ୨୦୧୯ ପରଠାରୁ ବ୍ରଜରାଜନଗରରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ବିପୁଳ ଲୋକପ୍ରିୟତା ବିଜେପି ତୁଳନାରେ ବିଜେଡିର ଭୋଟହାରକୁ ବୃଦ୍ଧି କରିଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ଯାହାର ଝଲକ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ମିଳିଛି । ଉଭୟ ନିର୍ବାଚନରେ ବିଜେଡିର ପ୍ରାଧାନ୍ୟ ଦେଖିବାକୁ ମିଳିଥିବା ବେଳେ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ଏଠାରେ ମାଟି କାମୁଡ଼ିଛନ୍ତି । ପୁନଶ୍ଚ ରାଧାରାଣୀଙ୍କୁ ଦଳୀୟ ଟିକଟ ମିଳିବା ପରେ ଏଥିରେ ଅସନ୍ତୁଷ୍ଟ ହୋଇ ଦଳର ଜିଲ୍ଲା ସଭାପତି ଦଳରୁ ଇସ୍ତଫା ଦେଇ ପରେ ପ୍ରତ୍ୟାହାର କରି ନେଇଛନ୍ତି । ଏପରି ହେଲେ ବିଜେପି ଚଳିତ ଉପ ନିର୍ବାଚନରେ ଏକ ବଡ଼ ବିପର୍ଯ୍ୟୟର ସାମ୍ନା କରିପାରେ ବୋଲି ରାଜନୈତିକ ବିଶାରଦମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ଏକଦା ଝାରସୁଗୁଡ଼ା ଜିଲ୍ଲାରେ ଅପରାଜେୟ ସାବ୍ୟସ୍ତ ହେଉଥିବା କଂଗ୍ରେସର ସ୍ଥିତି ଏବେ ଅତ୍ୟନ୍ତ ଦୟନୀୟ । ନବ ଦାସ କଂଗ୍ରେସ ଛାଡି ବିଜେଡ଼ିରେ ଯୋଗ ଦେଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ପରଲୋକରେ । ସ୍ଥାନୀୟ ରାଜନୀତିରୁ ଏକ ପ୍ରକାର ଅନ୍ତର୍ଧାନ ହୋଇଥିବା କିଶୋର ପଟେଲ ଆଗାମୀ ନିର୍ବାଚନରେ ଦଳକୁ କେତେ ପରିମାଣରେ ପୁନରୁଦ୍ଧାର କରିବାକୁ ସକ୍ଷମ ହେବେ ତାହାକୁ ନେଇ ଦ୍ୱିଧା ତୁଟିନାହିଁ ।

(ଅବଶିଷ୍ଟାଂଶ ୧୧ ପୃଷ୍ଠାରେ)

## କୃଷ୍ଣକେଶବ ଷଡ଼ଙ୍ଗୀ ପାଇଲେ ବିଶ୍ୱାତ୍ମ ଚେତନା ପ୍ରତିଭା ସମ୍ମାନ

ରାୟଗଡ଼ : ଓଡ଼ିଶାର ବିଶିଷ୍ଟ ସଂସ୍କୃତ-ସାହିତ୍ୟ- ବିଦ୍ୱାନ ତଥା ବାଗ୍ମୀ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ୨୦୨୧ ବର୍ଷ ପାଇଁ 'ବିଶ୍ୱାତ୍ମ ଚେତନା ପ୍ରତିଭା ସମ୍ମାନ' ପାଇଛନ୍ତି । ଗତ ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ସରିଆ ନିକଟସ୍ଥ ଲୁକାପଡ଼ା ଠାରେ ଅନୁଷ୍ଠିତ ଶ୍ରୀ ଶ୍ରୀ ଲୋକେଶ୍ୱର ମହାଦେବ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଶ୍ରୀ ଷଡ଼ଙ୍ଗୀଙ୍କୁ ବଲାଙ୍ଗୀରର ବିଶ୍ୱାତ୍ମ ଚେତନା ପରିଷଦ ପକ୍ଷରୁ ଏହି ମର୍ଯ୍ୟାଦା ଜନକ ସମ୍ମାନ ଦିଆଯାଇଥିଲା । ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ସମେତ ବହୁ ସାଧୁ ସନ୍ଥ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଚିତ୍ରକୁଟସ୍ଥ କାମଦପୀଠାଧିଶ୍ୱର ଜଗତ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଶ୍ରୀ ରାମ ସ୍ୱରୂପାଚାର୍ଯ୍ୟ ଜୀ ମହାରାଜ ଶ୍ରୀ ଷଡ଼ଙ୍ଗୀଙ୍କୁ ଏହି ସମ୍ମାନ ଦେଇଥିଲେ ।



## ବେଦାନ୍ତକୁ ପୁଣି ୧ କୋଟି ଜୋରିମାନା

ଝାରସୁଗୁଡ଼ା : ପରିବେଶଜନିତ କ୍ଷତିପୂରଣ ବାବଦକୁ ବେଦାନ୍ତ କମ୍ପାନୀକୁ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୁଣି ଏକ କୋଟି ଟଙ୍କା ଜୋରିମାନା କରିଛନ୍ତି । ଏକ ସପ୍ତାହ ମଧରେ ବେଦାନ୍ତକୁ ଏନଜିଟି ଦ୍ୱିତୀୟ ଥର ଜୋରିମାନା କରିଛନ୍ତି । ପୂର୍ବରୁ ବେଦାନ୍ତ କମ୍ପାନୀର କଳାହାଣ୍ଡି ଲାଞ୍ଜିଗଡ଼ସ୍ଥିତ କାରଖାନାରେ ବିନା ପରିବେଶ ମଞ୍ଜୁରୀରେ ପ୍ରକଳ୍ପ ସମ୍ପ୍ରସାରଣ ତଥା କ୍ଷମତା ବୃଦ୍ଧି ମାମଲାର ଶୁଣାଣି କରି ଏନଜିଟି ପ୍ରଧାନପୀଠ ୨୫ କୋଟି ଟଙ୍କାର ଜୋରିମାନା କରିଥିଲେ ।




ଦ୍ୱିତୀୟ ମାମଲାରେ ଝାରସୁଗଡ଼ା ଜିଲା ରାଜପୁର ପଞ୍ଚାୟତ ଜୁନେରିମୁଣ୍ଡା ମୌଜାରେ ଅଜିତ କୁମାର ଧଳଙ୍କ ନିଜସ୍ୱ ଜମି ବେଦାନ୍ତ କମ୍ପାନୀ କୋଇଲା ପାଉଁଶ ଦ୍ୱାରା ପ୍ରଦୂଷିତ ହେବା ଏବଂ କମ୍ପାନୀ ତରଫରୁ ଜଙ୍ଗଲ ଜମିରେ ବିନା ଅନୁମତିରେ କୋଇଲା ପାଉଁଶଗୁଣ୍ଡ ଜମା କରିବା ନେଇ ଆଗତ ଏକ ମାମଲାର ଶୁଣାଣି କରି ପରିବେଶଜନିତ କ୍ଷତିପୂରଣ ଆଦାୟ ପାଇଁ ଏନଜିଟି ପୂର୍ବାଞ୍ଚଳପୀଠ ବିଚାରପତି ବି. ଅମିତ ସଥାଲେକର ଏବଂ ବୈଷୟିକ ସଦସ୍ୟ ଶୈବାଳ ଦାସଗୁପ୍ତାଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ।

(ଅବଶିଷ୍ଟାଂଶ ୧୧ ପୃଷ୍ଠାରେ)

## ଏ ସଂଖ୍ୟାରେ..


ରୋଗରୁ ମୁକ୍ତି ଦିଏ କାଙ୍କଡ଼


ମକା ଖାଇ ପାଣି ପିଉଥିଲେ ସାବଧାନ!


ଗର୍ଭବତୀଙ୍କ ମହୌଷଧ ତୁଳସୀ


ଶରୀର ପାଇଁ ପାଣିସିଙ୍ଗଡ଼ା


ଓଉର ଉପକାରିତା

# ନାହିଁ ନାହିଁରେ ଚାଲିଛି ଏଲ୍.ଆର୍ ଆଇନ୍ ମହାବିଦ୍ୟାଳୟ

ସମ୍ବଲପୁର: ୧୯୬୫ ମସିହାରେ ସ୍ଥାପିତ ଲଜପତ ରାୟ ଆଇନ ମହାବିଦ୍ୟାଳୟ ହେଉଛି ରାଜ୍ୟର ଦ୍ୱିତୀୟ ସର୍ବପୁରାତନ ଆଇନ କଲେଜ । କଟକର ମଧୁସୂଦନ ଆଇନ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ ହେବାପରେ ବର୍ତ୍ତମାନ ଏଲ୍.ଆର ହିଁ ଓଡ଼ିଶାର ସର୍ବବୃହତ୍ ଆଇନ୍ ମହାବିଦ୍ୟାଳୟ । ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇ ପଶ୍ଚିମ ଓଡ଼ିଶାର ଆଇନ୍ ମହାବିଦ୍ୟାଳୟ ଗୁଡ଼ିକୁ ଏହା ଅଧୀନରେ ରଖିବାକୁ ବହୁଦିନରୁ ଦାବିହୋଇ ଆସୁଥିଲା । ଦାବି ପୂରଣ ହେବ କ'ଣ, ଏହି ମହାବିଦ୍ୟାଳୟର ଅଧୋପତନ ଆରମ୍ଭ ହୋଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର କନ୍‌ଷ୍ଟିଚୁଏଣ୍ଟ କଲେଜ୍ ଥିବା ଏହି ମହାବିଦ୍ୟାଳୟ ନାନାବିବାଦରେ ଛନ୍ଦି ହୋଇଯାଇଛି ।

ବୁଦ୍ଧିଜୀବୀ ମହଲଙ୍କ ଅଭିଯୋଗ ଅନୁଯାୟୀ, ପ୍ରଫେସର ସଂଜୀବ ମିତ୍ତଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ ନେବା ପରଠାରୁ ନାନା ପ୍ରକାର ବିବାଦ ଉପୁଜିବା ସହ ଏଲ୍.ଆର୍ ଆଇନ ମହାବିଦ୍ୟାଳୟରେ ବି ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଛି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଜ୍ୟୋତିବିହାର ଠାରୁ ଦୂରରେ ସମ୍ବଲପୁର ସହର ଭିତରେ ଥିବା ସତ୍ତ୍ୱେ ମହାବିଦ୍ୟାଳୟରେ କୁଳପତିଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁଁ ଏଠାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । କିଛିଦିନ ତଳେ ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ କୁଳପତି ପ୍ରଫେସର ମିତ୍ତଲ ଆଇନ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର୍ ଗିରିଜା ଶଙ୍କର ଶର୍ମାଙ୍କୁ ୪୦ ହଜାର ଟଙ୍କା ଦରମାରେ ଅତିଥି ଅଧାପକ ଭାବେ ନିଯୁକ୍ତି ଦେଇଥିଲେ । କଲେଜରେ ଅଧାପକଙ୍କ ସଂଖ୍ୟା କମ୍ ଥିବାରୁ ଶ୍ରୀ ଶର୍ମାଙ୍କୁ ଖାଲି ଥିବା ଆସୋସିଏଟ୍ ପ୍ରଫେସର୍ ପଦରେ ନିଯୁକ୍ତି ଦିଆଯାଇଥିବା ନିଯୁକ୍ତି ପତ୍ରରେ ଉଲ୍ଲେଖ କରାଯାଇଥିଲା । ତେବେ, ସେତିକିରେ କଥା ସରି ନଥିଲା । ସେ ମହାବିଦ୍ୟାଳୟର ଅଧକ୍ଷ ଭାବେ କାର୍ଯ୍ୟ କରିବେ ବୋଲି ବି ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା । ଅର୍ଥାତ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ମହାବିଦ୍ୟାଳୟର ସ୍ଥାୟୀ ଅଧକ୍ଷ ଡକ୍ଟର ବିଜୟାନନ୍ଦ ବେହେରାଙ୍କୁ ପଦରୁ ହଟାଇ ଅତିଥି ଅଧାପକ ପ୍ରଫେସର ଶର୍ମାଙ୍କୁ ଅଧକ୍ଷ ଦାୟିତ୍ୱ ଦେଇଥିଲେ । ଜଣେ ସ୍ଥାୟୀ ଅଧକ୍ଷ କିପରି ପଦରୁ ଅନ୍ତର ହୋଇ କେବଳ ଅଧାପକ ଭାବେ କାର୍ଯ୍ୟ କରିବେ, ଜଣେ ଅତିଥି ଅଧାପକ କେମିତି ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ନେବେ ସେନେଇ ପ୍ରଶ୍ନବାଚୀ ଉଠିଥିଲା । ହେଲେ, ଏଭଳି ଅଧକ୍ଷ ପରିବର୍ତ୍ତନର ଉଦ୍ଦେଶ୍ୟ କିଛିଦିନ ପରେ ସ୍ପଷ୍ଟ ହୋଇଯାଇଥିଲା ଯେତେବେଳେ ପ୍ରଫେସର ଶର୍ମା ଆଇନ୍ ମହାବିଦ୍ୟାଳୟର ପାଣ୍ଠିରୁ ୬୨ ଲକ୍ଷ ଟଙ୍କା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଖାତାକୁ ପଠାଇ ଦେଇଥିଲେ । କୌଣସି ଗୋଟିଏ ଅନୁଷ୍ଠାନର ଅର୍ଥ ଏଭଳି ଭାବେ ପଠାଯିବାର ଏହା ଏକ ବିରଳ ଘଟଣା ଥିଲା ଯାହାକୁ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଓ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ଜୋରଦାର ବିରୋଧ କରିଥିଲେ । ତେବେ ନିକଟରେ ପ୍ରଫେସର ଶର୍ମା ଅଧକ୍ଷ ପଦବୀରୁ ଇସ୍ତଫା ଦେଇଛନ୍ତି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ଇସ୍ତଫା ଗ୍ରହଣ ନ କରି ଆଲୋଚନା ପାଇଁ ଡାକିଥିବାର ଜଣାପଡିଛି ।

କେବଳ ଏତିକି ନୁହେଁ, ଅଧାପକ/ଅଧାପିକା ଅଭାବରୁ ପାଠପଢ଼ାରେ ବି ବ୍ୟାହତ ସୃଷ୍ଟିହେଉଛି । ଏହି ଆଇନ୍ ମହାବିଦ୍ୟାଳୟରେ ବର୍ତ୍ତମାନ ଏଲ୍ଏଲ୍ବି, ବିବିଏଲ୍ଏଲ୍ବି, ଏଲ୍ଏଲ୍ଏମ୍, ପିଜିଡିଆଇଅର୍ପିଏମ୍ ଆଦି ୪ଟି ପାଠ୍ୟକ୍ରମରେ ମୋଟ ୬୯୦ ଛାତ୍ରଛାତ୍ରୀ ଅଛନ୍ତି । ପୂର୍ବରୁ ଏହାର ଅଧକ୍ଷଙ୍କୁ ମିଶାଇ ମାତ୍ର ୩ ଜଣ ସ୍ଥାୟୀ ଅଧାପକ ଥିଲେ । ଏବେ ଉକ୍ତ ୩ ଅଧାପକଙ୍କ ସହ ଅତିଥି ଅଧକ୍ଷ ପ୍ର. ଶର୍ମାଙ୍କୁ ମିଶାଇ ୪ ଜଣ ହୋଇଛନ୍ତି । ବିଭିନ୍ନ ସମୟରେ କ୍ଲାସ୍ ନେବା ପାଇଁ ଆଉ ୩୦ ଜଣ ଅତିଥି ଅଧାପକ ରହିଛନ୍ତି । ଏହି କଲେଜ୍‌ର କର୍ମଚାରୀ ସଂଖ୍ୟା ବି ଯଥେଷ୍ଟ କମ୍ ଅଛି ଓ ଅନେକ ପଦ ଖାଲି ପଡ଼ିଛି । ଉତ୍ତମ ଭିତ୍ତିଭୂମି ଥିଲେ ବି ଏହାର ଅଧାପକ ଓ କର୍ମଚାରୀ ନିଯୁକ୍ତି ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୌଣସି ଉଦ୍ୟମ କରି ନଥିବାରୁ ଏହା ବିଶ୍ୱବିଦ୍ୟାଳୟ ଦୌଡ଼ରେ ପଛରେ ପଡ଼ିଯାଇଛି ।

# ଭିଜିଲାନ୍ସ ଜାଲରେ ଭିଜିଲାନ୍ସ ଇନ୍ସପେକ୍ଟର

ସମ୍ବଲପୁର : ସମ୍ବଲପୁର ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ମାନସୀ ଜେନା ଜଣେ ସରକାରୀ ଅଧିକାରୀଙ୍କଠାରୁ ମଧ୍ୟସ୍ଥିଙ୍କ ଜରିଆରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଆଭ୍ୟନ୍ତରୀଣ ଦୁର୍ନୀତି ନିବାରଣ ୟୁନିଟ୍ (ଇଣ୍ଟରନାଲ୍ ଭିଜିଲାନ୍ସ ୟୁନିଟ୍) ଦ୍ୱାରା ଧରା ପଡ଼ିଛନ୍ତି । ଇନ୍ସପେକ୍ଟର ଜେନାଙ୍କ ମଧ୍ୟସ୍ଥି ବରଗଡ଼ର ମୁକେଶ ସାହୁଠାରୁ ରଙ୍ଗବୋଳା ଟଙ୍କା ଜବତ କରାଯାଇଥିବା ବେଳେ ତାଙ୍କୁ ଅଟକ ରଖି ୟୁନିଟ୍ ପଚରାଉଚରା ଜାରି ରଖିଛି । ସେପଟେ, ଇନ୍ସପେକ୍ଟର ଜେନାଙ୍କ ସରକାରୀ ବାସଭବନ ସମେତ ଏକାସାଙ୍ଗରେ ୪ଟି ସ୍ଥାନରେ ଚଢ଼ଉ କରିଛି । ଏହାମଧରେ ଭିଜିଲାନ୍ସ କଲୋନି ସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର, ସୁନ୍ଦରଗଡ଼, ଭୁବନେଶ୍ୱରସ୍ଥିତ ଘର ଓ ଧରାପଡ଼ିଥିବା ମଧ୍ୟସ୍ଥି ଶ୍ରୀ ସାହୁଙ୍କ ଘରେ ଚଢ଼ଉ ହୋଇଛି । ଭିଜିଲାନ୍ସ ବିଭାଗ ସୂଚନା ଅନୁସାରେ, ବରଗଡ଼ର ଜଣେ ସରକାରୀ ଅଧିକାରୀଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ବିଭାଗରେ ଏକ ଅଭିଯୋଗପତ୍ର ପଡ଼ିଥିଲା । ଯାହାର ତଦନ୍ତ ଦାୟିତ୍ୱ ଇନ୍ସପେକ୍ଟର ଜେନାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ତେବେ ଇନ୍ସପେକ୍ଟର ଜେନା ଉକ୍ତ ଅଭିଯୋଗର ଯାଞ୍ଚ କରିବା ପରିବର୍ତ୍ତେ ମାମଲା ରଫାଦଫା କରିବା ସହ ଅଭିଯୋଗ ପତ୍ରକୁ ଖାରଜ କରିବା ପାଇଁ ୧୦ ଲକ୍ଷ ଟଙ୍କାର ଲାଞ୍ଚ ଦାବି କରିଥିଲେ । ଏଥିପାଇଁ ବରଗଡ଼ର ଜନୈକ ଜମି ଦଲାଲ୍ ମୁକେଶ ସାହୁକୁ ବି ଇନ୍ସପେକ୍ଟର ଜେନା ନିୟୋଜିତ କରିଥିଲେ । କିନ୍ତୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ରାଜି ହୋଇଥିବା ସରକାରୀ ଅଧିକାରୀ ଜଣଙ୍କ ଏସମ୍ପର୍କରେ କଟକ ସ୍ଥିତ ଭିଜିଲାନ୍ସ ମୁଖ୍ୟାଳୟରେ ଅଭିଯୋଗ କରିଥିଲେ । ପୂର୍ବ ଯୋଜନା ଅନୁସାରେ, କଟକସ୍ଥିତ ଭିଜିଲାନ୍ସ ମୁଖ୍ୟାଳୟର ଅଭ୍ୟନ୍ତରୀଣ ଭିଜିଲାନ୍ସ ୟୁନିଟ୍‌ର ୩୫ ଜଣ ସଦସ୍ୟ ୭ଟି ଗାଡ଼ିରେ ଆସି ସମ୍ବଲପୁରରେ ପହଞ୍ଚିଥିଲେ । ମଧ୍ୟସ୍ଥି ମୁକେଶ ସାହୁ ଉକ୍ତ ସରକାରୀ ଅଧିକାରୀଙ୍କଠାରୁ ରଙ୍ଗବୋଳା ଯାଇଥିବା ୧୦ ଲକ୍ଷ ଟଙ୍କା ନେଇ ଇନ୍ସପେକ୍ଟର ଜେନାଙ୍କ ପାଖକୁ ଆସିବା ବେଳେ ଅନ୍ତରୀଣ ଭିଜିଲାନ୍ସ ୟୁନିଟ୍ ତାକୁ କାବୁ କରିଥିଲା । ମୁକେଶକକୁ ପଚରାଉଚରା ପରେ ସେ ଇନ୍ସପେକ୍ଟର ଜେନାଙ୍କ ସମ୍ପର୍କରେ ସୂଚନା ଦେଇଥିଲା ।



ଏହାପରେ ଅଭ୍ୟନ୍ତରୀଣ ଭିଜିଲାନ୍ସ ୟୁନିଟ୍ ଇନ୍ସପେକ୍ଟର ଜେନାଙ୍କୁ ମଧ ଧରିବା ପରେ ତାଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲା । ସେପଟେ, ଇନ୍ସପେକ୍ଟର ଜେନା ୨୦୦୫ ବ୍ୟାଚ୍ ସବ୍ ଇନ୍ସପେକ୍ଟର ହୋଇଥିବା ବେଳେ ୨ ବର୍ଷ ତଳେ ସେ ସମ୍ବଲପୁର ଭିଜିଲାନ୍ସ ବିଭାଗକୁ ବଦଳି ହୋଇ ଆସିଥିବା ନେଇ ସୂଚନା ମିଳିଛି । ତେବେ ସମ୍ବଲପୁରରେ ଦାୟିତ୍ୱ ଗ୍ରହଣ ପରଠାରୁ ଅନେକ ବଡ଼ ବଡ଼ ମାମଲାରେ ଇନ୍ସପେକ୍ଟର ଜେନାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଘଟଣା ଦେଖିବାକୁ ମିଳିଥିଲା । 'ଅଭ୍ୟନ୍ତରୀଣ ଭିଜିଲାନ୍ସ ୟୁନିଟ୍‌କୁ ସକ୍ରିୟ କରାଯାଇଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ଏହା ତୀକ୍ଷ୍ଣ ନଜର ରଖିଛି । ଦୁର୍ନୀତି କରୁଥିବା ପ୍ରତିଟି ବ୍ୟକ୍ତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ' ବୋଲି ନିର୍ଦ୍ଦେଶକ ଜଶୱନ୍ତ ଜେଠ୍ୱା ଏକ ପ୍ରେସ୍ ବିବୃତି ମାଧମରେ ସୂଚନା ଦେଇଛନ୍ତି ।

# ମୁଖ୍ୟ ଶାସନ ସଚିବଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ ଓ ବିଭିନ୍ନ କ୍ଷେତ୍ର ପରିଦର୍ଶନ

ସୁନ୍ଦରଗଡ଼ : ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିଥିଲେ । ପ୍ରଥମେ ସେ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ କୋପସିଙ୍ଗାଠାରେ ବ୍ୟାରେଜ ନିର୍ମାଣ ପ୍ରସ୍ତୁତି ପରିଦର୍ଶନ କରିବା ସହ ସୁନ୍ଦରଗଡ଼ ମେଡିକାଲ କଲେଜ, ହସ୍ପିଟାଲ ଏବଂ ଟ୍ରାଫିକ ପରିଚାଳନା ପାଇଁ ଅତ୍ୟାଧୁନିକ କମାଣ୍ଡ ସେଣ୍ଟର ଓ କଣ୍ଟ୍ରୋଲ ରୁମ୍ ବୁଲି ଦେଖିଥିଲେ ।

କୋପସିଙ୍ଗା ଏବଂ ବୁଜାବଗାଠାରେ ବ୍ୟାରେଜ କାର୍ଯ୍ୟକ୍ଷମ ହେଲେ ସୁନ୍ଦରଗଡ଼ ସହର ସହିତ ଆଖପାଖ ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ହୋଇପାରିବ । ଚାଷଜମିକୁ ଜଳସେଚନର ସୁବିଧା ହେବା ସହିତ ଭୂତଳ ଜଳସ୍ତର ମଧ ପୁନଃ ଭରଣ ହୋଇପାରିବ । ଏହି ଦୁଇଟି ବ୍ୟାରେଜ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧରେ ଶେଷ ହେବ । ୨୪, ୭୭୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୋପସିଙ୍ଗା ବ୍ୟାରେଜ ପ୍ରକଳ୍ପ ନିର୍ମାଣ କରାଯାଉଛି । ଏହାର ଲମ୍ବ ୫୦୦ ମିଟରରୁ ଅଧିକ ରହିଥିବା ବେଳେ ଏଥିରେ ୫ଟି ସ୍ଲୁଇସ ଗେଟ ରହିବ । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ' କନଷ୍ଟ୍ରକସନ ଅଫ ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର' ଯୋଜନା ଅଧୀନରେ ସୁନ୍ଦରଗଡ଼ କୋପସିଙ୍ଗା ଏବଂ ବୁଢାବଗା ଠାରେ ଇବ୍ ନଦୀ ଉପରେ ଦୁଇଟି ବ୍ୟାରେଜ ନିର୍ମାଣ କରାଯାଉଛି । ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସୁନ୍ଦରଗଡ଼ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯାଉଛି । ଇତିମଧରେ ନ୍ୟାସନାଲ ମେଡିକାଲ କାଉନସିଲ ଏହି କଲେଜ ପରିଦର୍ଶନ କରି ଏହାର ଭିତ୍ତିଭୂମି ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । କାଉନସିଲର ଅନୁମତି ଆସିଲେ ଚଳିତ ବର୍ଷଠାରୁ କଲେଜରେ ନାମଲେଖା ଆରମ୍ଭ କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜଣାପଡିଛି । ଏହି ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ସୁନ୍ଦରଗଡ଼ ଜିଲାରେ ସଡ଼କ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ କରାଯାଇଥିବା ସମନ୍ୱିତ ଟ୍ରାଫିକ ପରିଚାଳନା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ । ଏହି ବ୍ୟବସ୍ଥା ରାସ୍ତାରେ ଅପରାଧ ଓ ଦୁର୍ଘଟଣା ଆଦି ନିୟନ୍ତ୍ରଣ କରିବାରେ ବିଶେଷ ସହାୟକ ହେବ । ଗାଡ଼ି ବେଗ ନିୟନ୍ତ୍ରଣ ପାଇଁ ୧୦ ନମ୍ବର ରାଜ୍ୟ ରାଜପଥର ଭମା ଛକଠାରୁ ବେଦବ୍ୟାସ ଏବଂ ୧୪୩ ନମ୍ବର ଜାତୀୟ ରାଜପଥର ବେଦବ୍ୟାସ ଛକଠାରୁ ବୀରମିତ୍ରପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କ୍ୟାମେରା ଖଞ୍ଜାଯାଇଛି । ସୁନ୍ଦରଗଡ଼ରେ ଥିବା କଣ୍ଟ୍ରୋଲ ରୁମ ଓ କମାଣ୍ଡ ସେଣ୍ଟରରେ ବସି ଏସବୁ ବ୍ୟବସ୍ଥାର ମୁଖ୍ୟ ଶାସନ ସଚିବ ଅନୁଧ୍ୟାନ କରିଥିଲେ । ଏହି ପଦକ୍ଷେପ ପାଇଁ ସେ ଜିଲା ପ୍ରଶାସନକୁ ପ୍ରଶଂସା କରିଥିଲେ । ଏହି ଗସ୍ତବେଳେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ଏସ୍.ପି ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ସୁନ୍ଦରଗଡ଼ ମେଡିକାଲ କଲେଜର ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ପଙ୍କଜ ପରିଡ଼ା ଡିନ ପ୍ରଫେସର ଡାକ୍ତର ଦୈତାରୀ ରାଉତରାୟ, ଜଳସମ୍ପଦ ବିଭାଗର ମହାନଦୀ ବେସିନର ମୁଖ୍ୟ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସରୋଜ କୁମାର ପାଣିଗ୍ରାହୀ, ସୁନ୍ଦରଗଡ଼ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶିବ ପ୍ରସାଦ ମହାରଣାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

# ଭାଗବତ /// ମାୟା ଓ ଏହାର ପ୍ରାଦୁର୍ଭାବ

**ବା**ସ୍ତବରେ ସଂସାରରେ ମାୟା ବୋଲି କିଛି ନାହିଁ । କିନ୍ତୁ ମାୟା ଥିବା ଭଳି ସମସ୍ତଙ୍କୁ ପ୍ରତୀୟମାନ ହେଉଥାଏ । ମାୟା ସତ୍ ହେଉ ଅଥବା ଅସତ୍, ଏଥିରୁ ମୁକ୍ତ ହେବା ପାଇଁ ସାଧନା କରିବା ନିହାତି ଆବଶ୍ୟକ ।

ଧନକୁ ଅର୍ଥ ବୋଲି କୁହାଯାଏ । ଏହି ଅର୍ଥ ମନୁଷ୍ୟର ସମସ୍ତ ଅନର୍ଥର କାରଣ ହୋଇଥାଏ । ଏହି ଅର୍ଥ ଯୋଗୁଁ ମଣିଷର ଚିନ୍ତା ବ୍ୟାଧି ବଢ଼େ । ଏ ସବୁ ଜାଣି ସୁଦ୍ଧା ମଣିଷର ଧନର ମମତା ଛାଡ଼ିପାରେ ନାହିଁ । ଏହା ହିଁ ହେଉଛି ଭଗବାନଙ୍କ ମାୟା । ମାୟାରୁ ମୁକ୍ତି ପାଇବା ପାଇଁ ଅନେକ ଉପାୟ ତ ଅଛି, ଅନେକ ସାଧନ ଅଛି ; କିନ୍ତୁ - ଭକ୍ତି ହେଉଛି ଅନାୟାସ ଓ ସହଜପ୍ରାପ୍ତ ସାଧନ ।

ଭଗବାନ୍ ଗୀତାରେ କହିଛନ୍ତି- ଯିଏ ମୋ ଶରଣ ଗ୍ରହଣ କରେ ସେ ମାୟାରୁ ମୁକ୍ତି ପାଇଥାଏ ।

କଳିଯୁଗରେ ଶ୍ରୀକୃଷ୍ଣଙ୍କର ନାମ ଜପ କଲେ ସହଜରେ ସଦ୍‌ଗତି ମିଳିଯାଏ । ସେବା କେବଳ କ୍ରିୟାତ୍ମକ ନୁହେଁ, ଭାବାତ୍ମକ ହେବା ଉଚିତ । କଳିଯୁଗରେ ମଣିଷ ବିଳାସୀ ହୋଇଥାଏ । ଶରୀରର ଉତ୍ପତ୍ତି କାମ ଦ୍ୱାରା ହୋଇଥାଏ । ତେଣୁ ଏହି ଯୁଗରେ ଯୋଗ ଓ ଜ୍ଞାନମାର୍ଗ ମାଧ୍ୟମରେ ଈଶ୍ୱରଙ୍କୁ ପାଇବା ଅପେକ୍ଷା ହରି-କୀର୍ତ୍ତନରେ ତାଙ୍କୁ ପାଇବା ସହଜ ଓ ସରଳ ହୋଇଥାଏ ।

ଏମିତି କହିବାକୁ ଗଲେ ସାଧନ, ଯମ-ନିୟମ ତ ସମସ୍ତେ ଜାଣନ୍ତି ; କିନ୍ତୁ କେବଳ ପୁଣ୍ୟବାନ୍ ଲୋକ ହିଁ ଏ ସବୁକୁ ଜୀବନରେ ଉତାରି ପାରନ୍ତି । ନାମଜପ ସବୁଠାରୁ ସରଳ । କାରଣ ଜିଭ ଆମ ନିଜ ଅଧୀନରେ ଥାଏ । ଭଗବାନଙ୍କ ନାମ ସର୍ବସୁଲଭ ହୋଇଥିଲେ ବି ଅଧିକାଂଶ ଜୀବ ନରକଗାମୀ ହୋଇଥାଆନ୍ତି ଯା ଠାରୁ ଅଧିକ ଆଶ୍ଚର୍ଯ୍ୟର କଥା ଆଉ କିଛି ଥାଇପାରେ କି ?

ମହାଭାରତରେ ବନ ପର୍ବରେ ଯକ୍ଷ-ଯୁଧିଷ୍ଠିର ସମ୍ବାଦ ଅଛି । ଯକ୍ଷ ଯୁଧିଷ୍ଠିରଙ୍କୁ ପଚାରିଥିଲେ, 'ଏହି ଜଗତରେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା କ'ଣ ? ଯୁଧିଷ୍ଠିର ଉତ୍ତରରେ କହିଥିଲେ- ମଣିଷ ପ୍ରତିଦିନ ହଜାର ହଜାର ଲୋକଙ୍କୁ ଯମ ଘରକୁ ଯାଉଥିବା ଦେଖନ୍ତି, ତେବେ ସୁଦ୍ଧା ସେମାନେ ଏପରି ବ୍ୟବହାର କରନ୍ତି ଯେପରି ସେମାନେ ଅମର । ମଣିଷ ଏହି ପୃଥିବୀରେ ଚିରକାଳ ପାଇଁ ରହିବାକୁ ମନ କରିଥାଏ । ଏହାଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଆଉ କିଛି ଥାଇପାରେ କି ?

ମଣିଷ ତା ନିଜ ଘରଲୋକ ମରୁଥିବା ଦେଖେ । ତେବେ ବି ସଚେତନ ହୁଏ ନାହିଁ । ଭୋଗ ବିଳାସରେ ସମୟ କଟାଇବାରେ ଲାଗେ । ଏହାଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଆଉ କ'ଣ ହୋଇପାରେ ।

ଯୋଗେଶ୍ୱର ପ୍ରବୃଦ୍ଧ ରାଜା ନିମିଙ୍କୁ ଭାଗବତ-ଧର୍ମର ସାରତତ୍ତ୍ୱ କହିଲେ । ଯେଉଁଭଳି କର୍ମକଲେ ସଂସାର ପ୍ରତି ମୋହ ହେବ ନାହିଁ, ପ୍ରଭୁଙ୍କ ପ୍ରତି ପ୍ରେମ ବର୍ଷ ନ ହେବ, ଯେଉଁ ପ୍ରକାର କର୍ମ କରିବା ଦ୍ୱାରା ଚିତ୍ତରେ ଅଶାନ୍ତି ଉପୁଜିବ ନାହିଁ, ସେପରି ସମସ୍ତ ଧର୍ମ ହେଉଛି ଭାଗବତ ଧର୍ମ ।

ପଞ୍ଚମ ଯୋଗେଶ୍ୱର ପିପ୍ପଳାୟନ ବିଦେହରାଜା ନିମିଙ୍କ ପାଖରେ ଭଗବାନ୍ ନାରାୟଣଙ୍କ ସ୍ୱରୂପ ବର୍ଣ୍ଣନା କରିଥିଲେ । କାଳ ଯାହାର ପ୍ରେରଣାରେ କଳନା-ଶକ୍ତି ପାଏ ସେ ହିଁ ହେଉଛନ୍ତି ନାରାୟଣ । ନାରାୟଣ ହେଉଛନ୍ତି ଏହି ସମ୍ପୂର୍ଣ୍ଣ ସଂସାରର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣ । ବ୍ରହ୍ମ କିଏ ଜାଣିବାକୁ ଇଚ୍ଛା କଲେ ନାରାୟଣଙ୍କୁ ଚିହ୍ନି ହୁଏ ।

ଦେହ ବ୍ରହ୍ମ ନୁହେଁ, ମନ ବ୍ରହ୍ମ ନୁହେଁ,



ଇନ୍ଦ୍ରିୟ ବ୍ରହ୍ମ ନୁହେଁ, ସେ ଗୁଡ଼ିକର ବିଷୟ ବ୍ରହ୍ମ ନୁହେଁ, ବୁଦ୍ଧି ବ୍ରହ୍ମ ନୁହେଁ, ଚିତ୍ତ ବ୍ରହ୍ମ ନୁହେଁ, ଅହଙ୍କାର ବ୍ରହ୍ମ ନୁହେଁ, ଏହିଭଳି ନାହିଁ ନାହିଁ କରି କରି ଅବଶିଷ୍ଟ ଯାହା ରହିଯାଏ ତାହାକୁ ବ୍ରହ୍ମ ବୋଲି କୁହାଯାଏ । ଅନାତ୍ମ ପଦାର୍ଥକୁ ନିଷେଧ କରି କରି ସେ ସବୁ ସରିଯିବା ପରେ ଯାହା ରହେ ତାହା ହେଉଛି ବ୍ରହ୍ମ, ସେ ହିଁ ନାରାୟଣ ।

ଏଥର ନିମି କର୍ମଯୋଗ ବିଷୟରେ କିଛି ଜାଣିବା ପାଇଁ ଯୋଗେଶ୍ୱରଙ୍କୁ ଜିଜ୍ଞାସା କଲେ । ଉତ୍ତର ଦେବାକୁ ଯାଇ ଷଷ୍ଠ ଯୋଗେଶ୍ୱର ଆବିର୍ହୋତ୍ର କହିଲେ- ମହାରାଜ ! ଆପଣ ଯାହା ଜାଣିବା ପାଇଁ ଇଚ୍ଛା କରିଛନ୍ତି ତାହା ଅତି ଉପାଦେୟ । କେବଳ ଆପଣ ନୁହଁନ୍ତି, ମହାମହା ଋଷି, ମୁନିମାନେ କର୍ମ, ଅକର୍ମ ଓ ବିକର୍ମରେ ମନକୁ ବିଭ୍ରାନ୍ତ କରି ଦେଇଛନ୍ତି ।

''କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତା । ଗୀତାରେ ଭଗବାନ ବି ଏପରି କହି ଅର୍ଜୁନଙ୍କୁ ଶିକ୍ଷା ପ୍ରଦାନ କରିଛନ୍ତି । ଯେଉଁ କର୍ମ କରାଯାଏ ତାହା କର୍ମ । କର୍ମକୁ ଛାଡ଼ିଦେବା ଅକର୍ମ । ବେଦ ବିରୁଦ୍ଧ କର୍ମ ହେଉଛି ବିକର୍ମ ।

ଧର୍ମ ପାଳନ କରିବା କଷ୍ଟ । ଧର୍ମକୁ ଛାଡ଼ି ଆଉ ଯାହା କରାଯାଏ ତାହା ଅଧର୍ମ । ଏବେ ଅଧର୍ମ ଚାରିଆଡ଼େ ବ୍ୟାପୀଯାଇଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଯେଉଁ କର୍ମ କରିବାକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼େ ତାହା ଧର୍ମ ହୋଇଥାଏ । ପ୍ରଭୁଦତ୍ତ ବ୍ରହ୍ମଚାରୀ ଏଠାରେ ସୁନ୍ଦର ଉଦାହରଣ ଦେଇଛନ୍ତି । ସିଂହର ମୂତ୍ର ସଂଗ୍ରହକରି ପାନ କରିବା ଅତି ଅସାଧ କଥା । ମାତ୍ର ଜଣେ ପ୍ରାଣକୁ ପଣ କରି ଏହା ହୁଏତ କରିପାରେ । ମାତ୍ର ଏହା କର୍ମ ପଦବାଚ୍ୟ ହେବନାହିଁ । ଗୋ-ମୂତ୍ର ଘରେ ଘରେ ସହଜରେ ମିଳିଯାଏ । ପଞ୍ଚଗବ୍ୟ ବି ସେହିଭଳି ଅତି ସହଜ ଲବ୍ଧ । ଏହା ପାନ କଲେ ଧର୍ମ କର୍ମ ହୁଏ ।

ବେଦ ଯାହା କହିଛି ତାହା ହେଉଛି ଧର୍ମ । ବେଦ ଯାହା ନିଷେଧ କରିଥାଏ ତାହା ଅଧର୍ମ । ସ୍ୱେଚ୍ଛାଚାରୀ ବେଦ ନିଷେଧ କର୍ମକରେ । ଶାସ୍ତ୍ର ବିଧିମୁତ୍ସୃଜ୍ୟ କର୍ମ ହିଁ ବିକର୍ମ ହୋଇଥାଏ । ଗୀତାରେ ତେଣୁ ଭଗବାନ କହିଛନ୍ତି - ଏପରି କର୍ମ କଲେ ସୁଖ ସନ୍ତୋଷ ତ ମିଳେ ନାହିଁ, ବରଂ ପରମଗତି ମଧ ମିଳିପାରେ ନାହିଁ । ଭୟ ଓ ଶୋକ ବଢ଼େ ମଣିଷ ମୃତ୍ୟୁ ପରେ ବି ମୃତ୍ୟୁ ଲୋକକୁ ପୁନର୍ବାର ଆସେ ।

ବେଦ କର୍ମ ନିମନ୍ତେ ଆଜ୍ଞା ପ୍ରଦାନ କରେ ଓ ସ୍ୱର୍ଗାଦିର ପ୍ରଲୋଭନ ଦିଏ । କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି କର୍ମ ତ୍ୟାଗ କରାଇବା ''ପରୋକ୍ଷବାଦୋ ବେଦୋଽୟଂ ବାଲାନାମନୁଶାସନମ୍'' ବୋଲି ଭାଗବତରେ ବର୍ଣ୍ଣନା ହୋଇଛି । ଅର୍ଥାତ୍, ଯେପରି ବାଳକକୁ ମିଠାଇ ଆଦିର ପ୍ରଲୋଭନ ଦେଖାଇ ଔଷଧ ଖୋଇବା, ସେହିପରି ଅନଭିଜ୍ଞଙ୍କୁ ସ୍ୱର୍ଗ ଆଦିର ପ୍ରଲୋଭନ ଦେଖାଇ ଶେଷ କର୍ମରେ ପ୍ରବୃତ୍ତି କରାଇବା ଉଚିତ ।

କର୍ମରେ ଅକର୍ମ ଓ ଅକର୍ମରେ କର୍ମର ଦର୍ଶନ ହେଉଛି ଶ୍ରେଷ୍ଠତା । ଏହାର ସରଳାର୍ଥ ହେଉଛି ନିଷ୍କାମ ଭାବରେ କର୍ମ କରିବା । କର୍ମ କରିବାକୁ ହେବ । କେହି କେବେ ସଂସାରରେ କୌଣସି କର୍ମ ନ କରି ରହିପାରନ୍ତି ନାହିଁ ଏହା ଅସମ୍ଭବ ମଧ । ମାତ୍ର ସକଳ କର୍ମ ଅନାସକ୍ତ ଭାବରେ କରୁଥିବା ଉଚିତ । ''ମା ଫଳେଷୁ କଦାଚନ' -ଏପରି ଗୀତା କହିଛି । ଫଳ ଆଶା ନ ରଖି ବିହିତ କର୍ମ କରୁଥିବା ହେଉଛି ପ୍ରକୃତ କର୍ମ । ସମସ୍ତ କର୍ମକୁ ଈଶ୍ୱରାର୍ପଣ କରୁଥିବା ଉଚିତ ।

ଭଗବାନଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ସକଳ କର୍ମ ଭଗବାନଙ୍କର ହୋଇଥାଏ । କାରଣ ଭଗବାନ ହେଉଛନ୍ତି ନିଷ୍କର୍ମ । ତାଙ୍କଠାରେ କର୍ମ ନାହିଁ କି ବନ୍ଧନ ନାହିଁ ।

ସପ୍ତମ ଯୋଗେଶ୍ୱର ଦ୍ରୁମି ପ୍ରଭୁଙ୍କ ବିଭିନ୍ନ ସମୟର ଲୀଳା ବର୍ଣ୍ଣନା କରିଥିଲେ ।

ଅଷ୍ଟମ ଯୋଗେଶ୍ୱର ଚମସ ଭକ୍ତିଲୀନ ପୁରୁଷର ଅଧୋଗତି ବର୍ଣ୍ଣନା କରିଥିଲେ ଆଉ କରଭାଜନ ଏବଂ ଆବିହୋତ୍ର ନିମିଙ୍କୁ ଭଗବାନଙ୍କୁ ପୂଜା ପଦ୍ଧତି କହିଥିଲେ । ପରିଶେଷରେ ବସୁଦେବଙ୍କ ପ୍ରଶ୍ନର ଉପସଂହାର କରିବାକୁ ଯାଇ ନାରଦ କହିଲେ, ''ଆଉ ଅଧିକ ସମୟ ନାହିଁ । ଶ୍ରୀକୃଷ୍ଣଙ୍କୁ ନିଜର ପୁତ୍ର ବୋଲି ଭୁଲିଯାଆନ୍ତୁ । ସେ ହେଉଛନ୍ତି ସାକ୍ଷାତ ପରମାତ୍ମା । ପରମାତ୍ମାଙ୍କ ପିତା ହୋଇ ଆପଣ ପରମାତ୍ମାଙ୍କୁ ଚିହ୍ନି ପାରି ନାହାନ୍ତି । ସେ ହିଁ ସବୁ କରି କରାଉଥାଆନ୍ତି । ଆଉ ଅଧିକ କିଛି ଆପଣଙ୍କ ପାଖରେ ଆମର କହିବାର ନାହିଁ ।"

# ତେଜ, କ୍ଷମା, ଧୃତି ଓ ଅଦ୍ରୋହ ଦୈବୀ ପ୍ରକୃତିର ଗୁଣ

**ତେଜ**, କ୍ଷମା, ଧୈର୍ଯ୍ୟ, ଶୁଚି, ବୈରଭାବର ଅଭାବ, ମାନ ପାଇଁ ଇଚ୍ଛା ନ ହେବା ଏସବୁ ଦୈବୀ ସମ୍ପଦକୁ ପ୍ରାପ୍ତ କରିଥିବା ମନୁଷ୍ୟର ଲକ୍ଷଣ ଅଟେ । ଯେ ଦୈବୀ ସମ୍ପଦ ଯୁକ୍ତ ବ୍ୟକ୍ତି ଠାରେ ଅନ୍ୟ ଯେଉଁ ଏକ ଗୁଣ ରହିଥାଏ, ତାହା ତେଜର ଉପସ୍ଥିତି ହୋଇଥାଏ ।

ତେଜ ସହିତ ଅନ୍ୟ ଗୁଣ ଭଗବାନ ଶ୍ରୀକୃଷ୍ଣ କ୍ଷମା ରୂପରେ କହିଛନ୍ତି । ଯଦି କେହି ଏପରି ବ୍ୟକ୍ତିଙ୍କ ପ୍ରତି କୌଣସି ଅପରାଧ କରିଥାଏ ତେବେ ଏପରି ଦୈବୀ ଗୁଣ ଯୁକ୍ତ ମହାପୁରୁଷ ତାଙ୍କ ପ୍ରତି କୌଣସି ଆକ୍ରୋଶ ବା ପ୍ରତିଶୋଧର ଭାବ ରଖନ୍ତି ନାହିଁ, ବରଂ ସେ ତଥାପି ସେହି ବ୍ୟକ୍ତିର ମଙ୍ଗଳ ପାଇଁ ଚିନ୍ତା କରନ୍ତି ତଥା ପ୍ରଯତ୍ନ କରିଥାନ୍ତି ।

ଏହି ଭାବକୁ ଦର୍ଶାଉଥିବା ଏକ କଥା ଅଛି । ଥରେ ଜଣେ ବ୍ୟକ୍ତି ନଦୀ କୂଳରେ ବସି ଜଣେ ସନ୍ଥଙ୍କୁ ଧ୍ୟାନର ସହିତ ଅବଲୋକନ କରୁଥିଲା । ସେହି ସନ୍ଥ ପାଣିରେ ପ୍ରବାହିତ ଏକ ଛୋଟ କଙ୍କଡ଼ାକୁ ନଦୀର ତୀବ୍ର ବେଗରେ ଭାସିଯିବାରୁ ବଞ୍ଚାଇବା ପାଇଁ ପ୍ରଯତ୍ନ କରୁଥିଲେ । ସେହି ବ୍ୟକ୍ତି ଦେଖିଲା ଯେ ସେହି ସନ୍ଥ କଙ୍କଡ଼ାଟିକୁ ଯେତେ ଥର ରକ୍ଷା କରିବାର ପ୍ରୟାସ କରୁଛନ୍ତି, ସେତେ ଥର ସେହି କଙ୍କଡ଼ ତାଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛି । କଙ୍କଡ଼ା ବାରମ୍ବାର ଆଘାତ କରିବା ଦ୍ୱାରା ତାଙ୍କ ଆଙ୍ଗୁଠିରୁ ରକ୍ତ ବୋହିବାରେ ଲାଗିଲା ତାଙ୍କ ହାତ ଲହୁଲୁହାଣ ହୋଇ ଉଠିଲା ।

ଏହି ଦୃଶ୍ୟ ଦେଖି ନଦୀ କୂଳରେ ବସିଥିବା ସେହି ବ୍ୟକ୍ତି ସନ୍ଥଙ୍କ ପାଖରେ ପହଞ୍ଚିଲା ଏବଂ ତାଙ୍କୁ କହିଲା ଯେ ଆପଣ କାହିଁକି ଏହି କଙ୍କଡ଼ାକୁ ବଞ୍ଚାଇବାର ଏତେ ପ୍ରୟାସ କରୁଛନ୍ତି ? ଏହି ଜୀବର ତ ସ୍ୱାଭାବିକ ଧର୍ମ ହେଉଛି ଆଘାତ କରିବା । ସନ୍ଥ ସେଇ କଙ୍କଡ଼ାର ଆଘାତକୁ ସହ୍ୟ କରି ମଧ ତାକୁ କୂଳକୁ ଆଣି ରଖିବା ପରେ କହିଲେ- ''ତାହାର ଧର୍ମ ଯଦି କ୍ରୋଧ କରିବା ତେବେ ମୋର ଧର୍ମ କ୍ଷମା କରିବା ।'' ଦୈବୀ ଗୁଣରେ ସମ୍ପନ୍ନ ବ୍ୟକ୍ତି, ଏହି ପ୍ରକାର ପ୍ରତ୍ୟେକ ବ୍ୟକ୍ତି ପ୍ରତି ସହୃଦୟତାର ଭାବ ରଖିଥାନ୍ତି । ନିଜ ପ୍ରତି ଅପରାଧ କରୁଥିବା ବ୍ୟକ୍ତି ବା ଜୀବ ପ୍ରତି ମଧ କୌଣସି ପ୍ରକାର ଦଣ୍ଡ ନ ଦେବାର ଭାବ ରଖିବା, ତା' ପ୍ରତି କୌଣସି ପ୍ରକାର ପ୍ରତିଶୋଧ ଭାବ ପୋଷଣ ନ କରିବା ତଥା ତା'ର ଅପରାଧକୁ ଅପରାଧ ନ ମଣି ତାକୁ କ୍ଷମା କରିଦେବା ଦେବୀ ସମ୍ପଦ ଯୁକ୍ତ ମନୁଷ୍ୟର ଲକ୍ଷଣ ଅଟେ ।

ତେଜ ଓ କ୍ଷମା ପରି ଗୁଣର କଥା କହିବା ପରେ ଶ୍ରୀଭଗବାନ ଧୈର୍ଯ୍ୟ ବା ଧୃତିକୁ ଦୈବୀ ଲକ୍ଷଣ କହିଛନ୍ତି । ଜୀବନରେ ଭୟଙ୍କର ଦୁର୍ଦ୍ଦଶା ବା ବିପତ୍ତି ଆସିବାକୁ କେହି ରୋକି ପାରିବ ନାହିଁ । ଏପରି ଅନେକ କାରଣ ମଧ ମନୁଷ୍ୟ ଜୀବନରେ ଉପସ୍ଥିତ ହୋଇଥାଏ, ଯାହା ତାକୁ ଭୟ ବା ଦୁଃଖ ପ୍ରଦାନ କରିଥାଏ । ଏସବୁ ପ୍ରହାର ସତ୍ତ୍ୱେ ଆନ୍ତରିକ ଦୃଷ୍ଟିରୁ କେବେହେଲେ ବିଚଳିତ ନ ହେବାର ଗୁଣକୁ ହିଁ ଧୈର୍ଯ୍ୟର ଗୁଣ କୁହାଯାଏ ।

ଯେତେବେଳେ ଜୀବନରେ କଠିନ ପରିସ୍ଥିତି ଆସେ ସେହି ସମୟରେ ଧୈର୍ଯ୍ୟ ଆଧାରରେ ହିଁ ଦୈବୀ ବ୍ୟକ୍ତିତ୍ୱକୁ ଚିହ୍ନି ପାରିବା ସମ୍ଭବ ହୁଏ । ମହାଭାରତରେ ଏକ ପ୍ରସଙ୍ଗ ଆସେ ଯେତେବେଳେ ଯୁଦ୍ଧର ସମାପ୍ତି ପରେ ଭଗବାନ ଶ୍ରୀକୃଷ୍ଣ ସମସ୍ତଙ୍କୁ ପଚାରିଲେ ଯେ ସେମାନଙ୍କର କ'ଣ ମନକାମନା ଅଛି, ଯାହାକୁ ସେ ପୂରା କରିଦେବେ, ସେତେବେଳେ ପ୍ରତ୍ୟେକ ନିଜର ଅଲଗା ଅଲଗା ଇଚ୍ଛା ବ୍ୟକ୍ତ କଲେ, କିନ୍ତୁ ଏହି ପ୍ରଶ୍ନର ଉତ୍ତରରେ କୁନ୍ତୀ ଭଗବାନଙ୍କୁ କହିଲେ, ଯଦି ଭଗବାନ କିଛି ଦେବାକୁ ଚାହୁଁଛନ୍ତି ତେବେ ଏହି ଆଶୀର୍ବାଦ ଦିଅନ୍ତୁ ଯେ ତାଙ୍କ ଜୀବନରେ ସର୍ବଦା ବିପତ୍ତି ଲାଗିରହୁ । ଭଗବାନ କୃଷ୍ଣ କୁନ୍ତୀଙ୍କୁ ପଚାରିଲେ ଯେ ଏତେ ଦୁଷ୍କର କାମନା କାହିଁକି ବ୍ୟକ୍ତ କରୁଛ ? କୁନ୍ତୀ କହିଲେ ଯେ ଭଗବାନ୍ । ବିପତ୍ତି ସମୟରେ ହିଁ ମନୁଷ୍ୟର ଧୈର୍ଯ୍ୟର ପରୀକ୍ଷା ହୋଇଥାଏ । ସେଥିପାଇଁ ଜୀବନରୁ ବିପତ୍ତି କେବେହେଲେ ବିଦାୟ ନେବା ଉଚିତ ନୁହେଁ । ଏହା ସହିତ ସେ ପୁଣି କହିଥିଲେ– ବିପତ୍ତିଗୁଡ଼ିକ ସଚ୍ଚା ବିପତ୍ତି ନୁହେଁ ଏବଂ ସମ୍ପତ୍ତିଗୁଡ଼ିକ ସଚ୍ଚା ସମ୍ପତ୍ତି ନୁହେଁ । ଭଗବାନଙ୍କୁ ଭୁଲି ବସିବା ହିଁ ବିପତ୍ତି ଏବଂ ଭଗବାନଙ୍କୁ ସ୍ମରଣ ରଖିବା ହିଁ ସଚ୍ଚା ସମ୍ପତ୍ତି ଅଟେ । ଦୈବୀ ଗୁଣ ଯୁକ୍ତ ବ୍ୟକ୍ତି ଏପରି ହିଁ ଚିନ୍ତା କରିଥାନ୍ତି ।

ତେଜ, କ୍ଷମା, ଧୈର୍ଯ୍ୟ ଅତିରିକ୍ତ ଶ୍ରୀଭଗବାନ ଶରୀର, ମନ ଓ ବିଚାରର ଶୁଚିତା, ନିଜ ମନରେ ଅଦ୍ରୋହ ଅର୍ଥାତ୍ ନିଜ ସହିତ ଶତ୍ରୁତାପୂର୍ଣ୍ଣ ବ୍ୟବହାର କରିବା ବ୍ୟକ୍ତି ବା ଜୀବଙ୍କ ପ୍ରତି ତିଳେ ମାତ୍ର ଦ୍ୱେଷ ବା ଶତ୍ରୁତାର ଭାବ ନ ରହିବା, ମନରେ ମାନ, ଅଭିମାନର ଅଭାବ ରହିବା- ଏହି ସମସ୍ତ ଗୁଣକୁ, ସଦାଚାରକୁ ଧାରଣ କରିବା ବ୍ୟକ୍ତିକୁ ଦୈବୀ ସମ୍ପଦ ଯୁକ୍ତ ମନେ କରାଯାଏ ।

# ଦି ନ୍ୟୁୟର୍କ ଟାଇମ୍ସ ମଡ଼େଲ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଯୁକ୍ତରାଷ୍ଟ୍ର ଆମେରିକାରେ ଏକବିଂଶ ଶତାବ୍ଦୀ ଆରମ୍ଭରୁ ମୁଦ୍ରିତ ସମ୍ବାଦ ମଞ୍ଚରେ ବିଘଟନ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚିତ । ଆମେରିକାର ନର୍ଥ କାରୋଲିନ ବିଶ୍ୱବିଦ୍ୟାଳୟର 'ହସମେନ ସ୍କୁଲ ଅଫ ଜର୍ଣ୍ଣାଲିଜମ ଏଣ୍ଡ ମିଡ଼ିଆ'ପକ୍ଷରୁ ଆୟୋଜିତ ଅଧ୍ୟୟନରେ ୨୦୦୪ ରୁ ୨୦୨୦ ମଧ୍ୟରେ ୧,୮୦୦ ଗୋଟି ମୁଦ୍ରିତ ସମ୍ବାଦପତ୍ର ବନ୍ଦ ହୋଇଯାଇଥିବା ପ୍ରକାଶ । ଏଥି ମଧ୍ୟରେ ୬୦ ଗୋଟି ଦୈନିକ ଓ ୧,୭୦୦ ଗୋଟି ସାପ୍ତାହିକ ଅନ୍ତର୍ଭୁକ୍ତ । ଆମେରିକାରେ ୭,୧୧୨ ଗୋଟି ମୁଦ୍ରିତ ସମ୍ବାଦପତ୍ର ୨୦୨୦ ସୁଦ୍ଧା ପ୍ରକାଶ ପାଉଥିବା ସ୍ଥଳେ ଏଥିମଧ୍ୟରୁ ୧,୨୮୩ ଗୋଟି ଦୈନିକ ଓ ୫,୮୨୯ ଗୋଟି ସାପ୍ତାହିକ । ଅର୍ଦ୍ଧେକ ଗ୍ରାମାଞ୍ଚଳରୁ ପ୍ରକାଶିତ ଏବଂ ପ୍ରାୟ ୫,୫୦୦ ମୁଦ୍ରିତ ସମ୍ବାଦପତ୍ରର ପ୍ରସାର ସଂଖ୍ୟା ୧୫,୦୦୦ କପିରୁ କମ ।

ଏହି ପରିସଂଖ୍ୟାନରୁ ଆମେରିକାରେ ସମକାଳୀନ ମୁଦ୍ରିତ ସମ୍ବାଦପତ୍ର ପ୍ରକାଶନର ତିନିଗୋଟି ପ୍ରବାହମାନ ଧାରା 'ଟ୍ରେଣ୍ଡ' ପରିଲକ୍ଷିତ । ପ୍ରଥମତଃ, ମୁଦ୍ରିତ ସମ୍ବାଦପତ୍ର କ୍ଷେତ୍ରରେ ଦୈନିକ ତୁଳନାରେ ସାପ୍ତାହିକ ସଂଖ୍ୟା ଅଧିକ । ଦ୍ୱିତୀୟତଃ, ଅର୍ଦ୍ଧେକ ଗ୍ରାମାଞ୍ଚଳରୁ ପ୍ରକାଶିତ ଓ କ୍ଷୁଦ୍ର ସମ୍ବାଦପତ୍ର ପର୍ଯ୍ୟାୟଭୁକ୍ତ । ତୃତୀୟତଃ, ପରିବର୍ତ୍ତିତ ପରିବେଶରେ ବନ୍ଦ ହୋଇଯାଉଥିବା ସାପ୍ତାହିକ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକ ସଂଖ୍ୟା ଅଧିକ ।

ଯୁକ୍ତରାଷ୍ଟ୍ର ଆମେରିକାର ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ସଂପର୍କୀତ ଅଧ୍ୟୟନ ଆଶ୍ରିତ ତଥ୍ୟାବଳୀ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ଆଶା କରାଯାଏ । ଭାରତର ଉଦାହରଣ ବିଚାରକୁ ନେଲେ ବିକଶିତ ଆମେରିକାରେ ଅନୁଭୂତ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପରେ ବିଘଟନ ଏଠାରେ କିଛି କାଳ ବିଳମ୍ବରେ ଅନୁଭୂତ ହୋଇଛି । ଭାରତରେ ମୁଦ୍ରିତ ସମ୍ବାଦପତ୍ରର ସ୍ଥିତାବସ୍ଥା ଜାଣିବାରେ ଦୁଇଗୋଟି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ପ୍ରଥମତଃ, ଆଗ୍ରହ, ପ୍ରୋତ୍ସାହନ ଓ ଆର୍ଥିକ ନିବେଶ ଅଭାବରୁ ଏଦିଗରେ ଅଧ୍ୟୟନ ସମ୍ଭବ ହୋଇପାରିନଥାଏ । ଦ୍ୱିତୀୟତଃ, ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ପକ୍ଷରୁ ସମ୍ମୁଖୀନ ବିଘଟନକୁ ୨୦୨୨ ଆରମ୍ଭ ସୁଦ୍ଧା ସ୍ୱୀକାର ହିଁ କରାଯାଇପାରି ନାହିଁ । ଫଳରେ ପ୍ରକୃତ ତଥ୍ୟ ସଂଗ୍ରହ ସମସ୍ୟାବହୁଳ । ଅବଶ୍ୟ ସମ୍ବାଦପତ୍ର ମୁଦ୍ରଣ କାଗଜ ଆମଦାନୀ, ବ୍ୟବହାର ଭଳି ଉପଲବ୍ଧ ପାରିପାର୍ଶ୍ୱିକ ତଥ୍ୟ ଭାରତୀୟ ମୁଦ୍ରିତ ସମ୍ବାଦପତ୍ର ଦୁର୍ଦ୍ଦଶାର ସୂଚନା ଦେଇଥାଏ ।

ନର୍ଥ କାରୋଲିନ ବିଶ୍ୱବିଦ୍ୟାଳୟର ମୁଦ୍ରିତ ସମ୍ବାଦପତ୍ର ଗବେଷଣା ପ୍ରକଳ୍ପର ଅଧ୍ୟକ୍ଷ ପେନି ଆବେରନାଥି ମୁଦ୍ରିତ ସମ୍ବାଦପତ୍ର ବନ୍ଦ ହୋଇଯିବା ଫଳରେ ସେଠାକାର ସାମାଜିକ କ୍ଷେତ୍ରରେ କ'ଣ ସବୁ ଅସୁବିଧା ସୂତ୍ରପାତ ହେଉଛି ତାହାର ବିଶଦ ବିବରଣୀ ଉପସ୍ଥାପିତ କରିଥିଲେ । ଆମେରିକାରେ ବନ୍ଦ ହୋଇଯାଇଥିବା କ୍ଷୁଦ୍ର ସମ୍ବାଦପତ୍ରଗୁଡ଼ିକ ମଧ୍ୟରୁ କେତେଗୋଟି ଶହେ ବର୍ଷର ପୁରୁଣା । ବନ୍ଦ ପ୍ରଭାବରେ ଅନେକ ଅଞ୍ଚଳ ମୁଦ୍ରିତ ସମ୍ବାଦପତ୍ର ଶୂନ୍ୟ ମରୁଭୂମି 'ନିଉଜ ଡ଼େଜାର୍ଟ'ରେ ପରିଣତ ହୋଇଛି । ମୁଦ୍ରିତ ସମ୍ବାଦପତ୍ର ପ୍ରକାଶନ ଅଭାବରେ ପ୍ରଶାସନ, ରାଜନୀତି, ବ୍ୟବସାୟ ବିଭିନ୍ନ କ୍ଷେତ୍ରରେ ସ୍ୱଚ୍ଛତା ଓ ଦାୟବଦ୍ଧତା 'ଟ୍ରାନ୍ସପରେନ୍ସି ଏଣ୍ଡ ଏକାଉଣ୍ଟବିଲିଟି' ଉଦବେଗଜନକଭାବେ ହ୍ରାସ ପାଉଥିବା ତଥ୍ୟ ସଂଗୃହୀତ । ଗବେଷଣାରୁ ଜଣାଯାଇଛି ଯେ 'ନିଉଜ ଡ଼େଜାର୍ଟ'ରେ ସାଧାରଣ ଭୋଟରଙ୍କ ରାଜନୀତିକ ଅଂଶଗ୍ରହଣ ହ୍ରାସ ପାଉଥିବା ସ୍ଥଳେ ପ୍ରଶାସନିକ ଟିକସ ପରିମାଣ ବୃଦ୍ଧି ପାଇବାରେ ଲାଗିଛି ।

ପେନି ଆବେରନାଥିଙ୍କ ଗବେଷଣାର ନିଷ୍କର୍ଷ ଭାରତ ତଥା ଓଡ଼ିଶାର ବିକାଶଶୀଳ ଅର୍ଥନୀତିରେ ଗଣମାଧ୍ୟମ ନୀତି ନିର୍ଦ୍ଧାରଣରେ ହିତକର ବିଶ୍ୱାସ କରାଯାଇପାରେ । ମୁଦ୍ରିତ ସମ୍ବାଦପତ୍ରର ଦୁର୍ବଳ ସ୍ଥିତି ୨୦୨୨ ଆରମ୍ଭ ସୁଦ୍ଧା ବହୁ ସାମାଜିକ ସମସ୍ୟାର ପୂର୍ବ-ସୂଚନା ପ୍ରଦାନ କରିସାରିଥିବା ସ୍ଥଳେ ଭବିଷ୍ୟତ ଲାଗି ସଜାଗ ହେବା ସମୟ ଉପନୀତ । ପେନିଙ୍କ ଅଧ୍ୟୟନର ବିଶଦ ବିବରଣୀ 'ୟୁଏସନିଉଜଡ଼େଜାର୍ଟସ ଡଟ କମ'ରେ ଉପଲବ୍ଧ ।

ଆମେରିକାରେ ମୁଦ୍ରିତ ସମ୍ବାଦପତ୍ର ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିବା ଅବସରରେ ସମସ୍ୟାବଳୀର ମୁକାବିଲା ଲାଗି ସମ୍ବାଦମଞ୍ଚଗୁଡ଼ିକ ପକ୍ଷରୁ ବହୁ ପରୀକ୍ଷାମୂଳକ ଯୋଜନା ହାତକୁ ନିଆଯାଉଥାଏ । ଏହି ପରିବେଶରେ ସମ୍ଭ୍ରାନ୍ତ 'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ ସାମ୍ବାଦିକତାର ଗୁଣବତ୍ତା ବିକାଶରେ ନିବେଶ ସୁଫଳ ପ୍ରଦାନ କରିଥିବା ଉଦାହରଣ ଗଣମାଧ୍ୟମ ପରିଧିରେ ଆଶା ସଞ୍ଚାର କରିଥାଏ ।

ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକ ଆରମ୍ଭରୁ ବିକଶିତ ରାଷ୍ଟ୍ରଗୁଡ଼ିକରେ ମୁଦ୍ରିତ ସମ୍ବାଦପତ୍ରର ପ୍ରସାର ସଂଖ୍ୟା ହ୍ରାସ ପ୍ରବାହରେ ନ୍ୟୁୟର୍କ ଟାଇମ୍ସର ପ୍ରସାର ସଂଖ୍ୟା ୨୦୧୧ରେ ୧୩ ଲକ୍ଷ ଥିବା ସ୍ଥଳେ ୨୦୨୧ରେ ୩ ଲକ୍ଷ ୪୩ ହଜାରକୁ ଖସି ଆସିଥିଲା । କିନ୍ତୁ ଅପରପକ୍ଷରେ ଡ଼ିଜିଟାଲ ସଂସ୍କରଣ ଓ ଅନ୍ୟାନ୍ୟ ଉପାଦର ଗ୍ରାହକ ସଂଖ୍ୟା ୨୦୨୦ରେ ୫୦ ଲକ୍ଷ ଥିବା ସ୍ଥଳେ ୨୦୨୧ରେ ୫୮ ଲକ୍ଷ ୬୦ ହଜାରକୁ ବୃଦ୍ଧି ପାଇଥିବା ପରିସଂଖ୍ୟାନ ୱେବସାଇଟ 'ଷ୍ଟାଟିଷ୍ଟା'ରେ ୨୧ ମାର୍ଚ୍ଚ ୨୦୨୨ରେ ପ୍ରକାଶିତ । ନ୍ୟୁୟର୍କ ଟାଇମ୍ସର ୱେବସାଇଟକୁ ହାରାହାରି ମାସିକ ସାତକୋଟି ପରିଦର୍ଶନ ରେକର୍ଡ କରାଯାଇଥାଏ ।

ନ୍ୟୁୟର୍କ ଟାଇମ୍ସ ୧୮୫୧ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ବିଗତ ୧୭୦ ବର୍ଷର ଇତିହାସରେ ମୁଦ୍ରିତ ସମ୍ବାଦପତ୍ରଟି ଗଣମାଧ୍ୟମ କ୍ଷେତ୍ରରେ ପରିବ୍ୟାପ୍ତ ବିଭିନ୍ନ ବୈଷୟିକ କୌଶଳ ବିନାଦ୍ୱିଧାରେ ଗ୍ରହଣ କରିଆସିଛି । ସମ୍ବାଦ ମଞ୍ଚଗୁଡ଼ିକର କ୍ରମାଗତ ସମ୍ପାଦକୀୟ, ଆର୍ଥିକ ଓ ପାଠକୀୟ ସଂପୃକ୍ତିରେ ପରିବର୍ତ୍ତନ ଗ୍ରାହକ ବନ୍ଧନ 'ସବସ୍କ୍ରାଇବର ରିଟେନସନ'ରେ ପ୍ରତିଫଳିତ ହେଉଥିବା 'ଦି ନ୍ୟୁୟର୍କ ଟାଇମ୍ସ' ମଡ଼େଲରେ ପ୍ରମାଣିତ । 'ଷ୍ଟାଟିଷ୍ଟା' ହିସାବ ଅନୁଯାୟୀ ୨୦୧୯ ତୁଳନାରେ ୨୦୨୦ରେ ସମ୍ବାଦ ଗୁଣବତ୍ତା ବିକାଶରେ ସମ୍ବାଦ ମଞ୍ଚ ପକ୍ଷରୁ ୨୮ ପ୍ରତିଶତ ଅଧିକ ଖର୍ଚ୍ଚ କରାଯାଇଥିଲା ।

ଗଣମାଧ୍ୟମ ସମୀକ୍ଷକ ସାରା ଫିସର 'ଏକ୍ସିସ ମିଡ଼ିଆ ଟ୍ରେଣ୍ଡସ' ନିଉଜଲେଟର ୨୬ ଏପ୍ରିଲ ୨୦୨୨ ସଂସ୍କରଣରେ ସୂଚିତ କରିଥିଲେ ଯେ ନ୍ୟୁୟର୍କ ଟାଇମ୍ସ ସମ୍ପାଦକୀୟ ଅଭିମତ ବିଭାଗ ପରିଚାଳନା ନିମନ୍ତେ ସାମ୍ବାଦିକ ନିଯୁକ୍ତି ସଂଖ୍ୟା ବିଗତ ପାଞ୍ଚ ବର୍ଷରେ ୨୦୧୭ ତୁଳନାରେ ୨୦୨୨ରେ ଦୁଇଗୁଣ ବୃଦ୍ଧି ଘଟିଛି । ସମ୍ବାଦ ମଞ୍ଚରେ ମୋଟ ୧୭୦୦ ସାମ୍ବାଦିକ କାର୍ଯ୍ୟରତ ଥିବା ସ୍ଥଳେ କେବଳ ଅଭିମତ ବିଭାଗ ପ୍ରଯୋଜନା ନିମନ୍ତେ ୧୫୦ ଜଣ ସାମ୍ବାଦିକ ନିଯୁକ୍ତି ଫଳରେ ନ୍ୟୁୟର୍କ ଟାଇମ୍ସ ନିଜ ଅଭିମତ ନିମନ୍ତେ ଆନ୍ତର୍ଜାତିକ ଗଣମାଧ୍ୟମ ପରିଧିରେ ପ୍ରଭୁତ୍ୱ ବିସ୍ତାର କରିଥାଏ ।

ବିଗତ କିଛି ବର୍ଷ ମଧ୍ୟରେ ନ୍ୟୁୟର୍କ ଟାଇମ୍ସ ଡିଜିଟାଲ ସଂସ୍କରଣକୁ ଗୁରୁତ୍ୱ ଦେବା ସଙ୍ଗେ ପଡ଼କାଷ୍ଟ, ଡକ୍ୟୁମେଣ୍ଟରୀ ଫିଲ୍ମ ଇତ୍ୟାଦି ବିଭିନ୍ନ ସମ୍ବାଦ ଉପାଦକୁ ଅଭିମତ ବିଭାଗ ସଂପ୍ରସାରିତ କରିଛି । ଏଥିଲାଗି ବରାବର ନିବେଶ ହୋଇଥାଏ । ଉଦାହରଣରେ ୨୦୨୦ ସୁଦ୍ଧା ଅଡ଼ିଓ ବିଭାଗରେ ମାତ୍ର ଜଣେ ସାମ୍ବାଦିକ କାର୍ଯ୍ୟରତ ଥିବା ସ୍ଥଳେ ୨୦୨୨ ଆରମ୍ଭ ସୁଦ୍ଧା ୩୫କୁ ବୃଦ୍ଧି ପାଇଥିଲା । ସେହିପରି ନ୍ୟୁୟର୍କ ଟାଇମ୍ସରେ ୨୦୧୧ରୁ ଆରମ୍ଭ ହୋଇଥିବା ଡକ୍ୟୁମେଣ୍ଟରୀ ବିଭାଗ 'ଓପ-ଡ଼କ୍ସ' ପ୍ରଯୋଜିତ 'ଦି କୁଇନ ଅଫ ବାସ୍କେଟବଲ' ୨୦୨୨ର ଓସ୍କାର ପୁରସ୍କୃତ ହୋଇଥିଲା । ନ୍ୟୁୟର୍କ ଟାଇମ୍ସ ଅଭିମତ ବିଭାଗ ପକ୍ଷରୁ ଡିଜିଟାଲ ଗ୍ରାହକମାନଙ୍କ ନିମନ୍ତେ ୨୦ ରୁ ଊର୍ଦ୍ଧ୍ୱ ନିଉଜଲେଟର ପ୍ରକାଶିତ ।

'ଦି ନ୍ୟୁୟର୍କ ଟାଇମ୍ସ' ମଡ଼େଲରେ ସମ୍ପାଦକୀୟ ଅଭିମତ ପୃଷ୍ଠାକୁ ଗୁରୁତ୍ୱ ଏବଂ ନିଉଜଲେଟର, ପଡ଼କାଷ୍ଟ ଓ ଡକ୍ୟୁମେଣ୍ଟରୀ ଭଳି ବିଭିନ୍ନ ଆଙ୍ଗିକକୁ ସଂପ୍ରସାରଣ ହେତୁ ଗ୍ରାହକ ସଂଖ୍ୟା ବୃଦ୍ଧିରେ ପର୍ଯ୍ୟବସିତ ହେଉଥିବା ଅଭିଜ୍ଞତା ବିଶ୍ୱବ୍ୟାପୀ ମୁଦ୍ରିତ ସମ୍ବାଦପତ୍ରର ଗୁଣବତ୍ତା ବିକାଶ ନିମନ୍ତେ ଅନ୍ୟତମ ଉଦାହରଣ । ପାଠକୀୟ ରୁଚି ଲକ୍ଷ୍ୟବଦ୍ଧ ଗୁଣାତ୍ମକ ସାମ୍ବାଦିକତା ବିକାଶରେ ଅଭିମତ ବିଭାଗର ସଂପ୍ରସାରଣ ମହାମାରୀ-ପର ପରିବେଶ 'ନ୍ୟୁ-ନରମାଲ'ରେ ମୁଦ୍ରିତ ସମ୍ବାଦପତ୍ର ପକ୍ଷେ ଜରୁରି ହୋଇପଡ଼ିଥିବା ବିଚାର କରାଯାଏ । ଏହିଭଳି ପରିବର୍ତ୍ତନକୁ ଆଧାର କରି ନ୍ୟୁୟର୍କ ଟାଇମ୍ସ ୨୦୨୫ ସୁଦ୍ଧା କୋଟିଏ ଗ୍ରାହକ ସଂଗ୍ରହ ନିମନ୍ତେ ଲକ୍ଷ୍ୟବଦ୍ଧ ଥିବା ସମ୍ବାଦ ମଞ୍ଚ ବ୍ୟାବସାୟିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ।

## କ୍ୟାନ୍ସରରୁ ରକ୍ଷା କରିବ ଆମ୍ବ

ଆମ୍ବ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟବର୍ଦ୍ଧକ ଫାଇଦା ମିଳିଥାଏ । ଏଥିରେ ପଟାସିୟମ୍, ମ୍ୟାଗ୍ନେସିୟମ୍, କପର ଭଳି ଖଣିଜ ଏବଂ ଲବଣ ମଧ୍ୟ ପ୍ରଚୁର ମାତ୍ରାରେ ରହିଥାଏ । ଆମ୍ବରେ ଏକ ପ୍ରକାର ଫାଇବର୍ ପେକ୍ଟିନ୍ ରହିଥାଏ । ଏହି ପେକ୍ଟିନ୍ ରକ୍ତରେ କୋଲେଷ୍ଟରୋଲ୍ ସ୍ତରକୁ ହ୍ରାସ କରିଥାଏ । ଏହାଦ୍ୱାରା ଗ୍ରନ୍ଥିରେ ସୃଷ୍ଟି ହେଉଥିବା କ୍ୟାନସରରୁ ସହଜରେ ରକ୍ଷା ମିଳିଥାଏ । କେବଳ ସେତିକି ନୁହେଁ, ଆମ୍ବ ଓଜନ ହ୍ରାସ କରିବାରେ ମଧ୍ୟ ବେଶ୍ ଫାଇଦା ପ୍ରଦାନ କରିଥାଏ । ତା' ସହ ପାଚନ ପ୍ରକ୍ରିୟାରେ ସହାୟକ ଆମ୍ବ ସେବନ ଦ୍ୱାରା ଏସିଡିଟି ଏବଂ ବଦହଜମୀରୁ ମଧ୍ୟ ରକ୍ଷା ମିଳିଥାଏ ।

## ଆଜିର ଚିନ୍ତନ

ଭକ୍ତ ପାଇଁ ଧନ ଏବଂ ଜ୍ଞାନ ନୁହେଁ, ପ୍ରେମ ଦରକାର । ବ୍ୟବହାର ଯାହାଙ୍କର ଶୁଦ୍ଧ, ତାଙ୍କୁ ଭକ୍ତିରେ ଆନନ୍ଦ ମିଳେ । ମାନବ ଭକ୍ତି କରେ । କିନ୍ତୁ ଆନନ୍ଦ ମିଳେ ନାହିଁ । ତା'ର କାରଣ ହେଉଛି ମାନବ ଧନରେ ଭଗବାନଙ୍କୁ ତୋଷ କରିବାକୁ ଚାହେଁ । ଭଗବାନଙ୍କୁ କି ଧନ ଦେବ ? ଯାହାଙ୍କ ଘର ରତ୍ନର ଭଣ୍ଡାର, ରତ୍ନାକର, ଯାହାଙ୍କର ପାଦ ମଞ୍ଚାଳନ କରନ୍ତି, ନିଜେ ସଂସାରର ପଡ଼ିଦାତ୍ରୀ ଲକ୍ଷ୍ମୀ ଠାକୁରାଣୀ, ତାଙ୍କୁ କି ଧନ କିଏ ଦେଇ ପାରିବ ? ଭଗବାନଙ୍କୁ ନିଜର ମନ ଦିଅ । ସେ ମନଚୋର । ଭକ୍ତ ସେଥିପାଇଁ ନିବେଦନ କରନ୍ତି– 'ରତ୍ନାକାର ଗୃହଂ ତବ ଗୃହିଣୀ ଚ ପଦ୍ମା, କିଂ ଦେୟ ମସ୍ତି ଭବତେ ପୁରୁଷୋତ୍ତମାୟ, ଆଭୀର ବାମ ନୟନା ହୃତ ମାନସାୟ ଦତ୍ତ ମନ ଯଦୁପତେ କୃପୟା ଗୃହାଣ । । ହେ ପ୍ରଭୁ । ବ୍ରଜବାଳୀମାନେ ଆପଣଙ୍କ ମନ ଚୋରୀ କରିନେଇ ଯାଇଛନ୍ତି । ସେତିକି ଆପଣଙ୍କ ପାଖରେ ଅଭାବ ଅଛି । ମୁଁ ସେହି ଅଭାବ ପୂରଣ ପାଇଁ ମୋର ମନକୁ ଆପଣଙ୍କୁ ଅର୍ପଣ କରୁଛି । ମନ ଯେ ପର୍ଯ୍ୟନ୍ତ ଭଗବାନଙ୍କୁ ସ୍ପର୍ଶ କରି ନାହିଁ, ସେ ପର୍ଯ୍ୟନ୍ତ ଭକ୍ତି ଭକ୍ତି ନୁହେଁ । ମଳମୂତ୍ର ଭରା ଏ ଶରୀର ପ୍ରଭୁଙ୍କୁ ସ୍ପର୍ଶ କରିବା ଯୋଗ୍ୟ ନୁହେଁ । ତେଣୁ ଭଗବାନଙ୍କ ସହିତ ଶରୀରରେ ନୁହେଁ, ମନରେ ମିଶିବାକୁ ହେବ । ଯେ ମିଥ୍ୟାଭାଷଣ ପ୍ରିୟ, ଛଳକପଟ ଅନୁରାଗୀ, ତାଙ୍କ ମନ ଭଗବାନଙ୍କ ସହିତ ମିଶିବା ଯୋଗ୍ୟ ନୁହେଁ । ଅତି ଶୁଦ୍ଧ ମନ ହିଁ ଭଗବାନଙ୍କ ସହିତ ମିଶିପାରିବ । ଛନ୍ଦ କପଟ କଲେ ମନ ଅଶାନ୍ତ ରହେ । ବ୍ୟବହାରକୁ ଶୁଦ୍ଧ କରିବାକୁ ହେବ । ବ୍ୟବହାର ସେତେବେଳେ ଶୁଦ୍ଧ ହୁଏ, ଯେତେବେଳେ ମନୁଷ୍ୟ ହୃଦୟଙ୍ଗମ କରେ ଯେ ଈଶ୍ୱର ସମସ୍ତଙ୍କ ମଧ୍ୟରେ ଅଛନ୍ତି । ବ୍ୟବସାୟୀ ମଧ୍ୟ ଗ୍ରାହକଙ୍କୁ ଭଗବାନ ମନେକରି ବେପାର କଲେ ସେ ବେପାର ଭକ୍ତିମୟ ହୋଇଯାଇ ଥାଏ । ବ୍ୟବସାୟୀ ମନେ କରିଥାଏ ଗ୍ରାହକ ରୂପରେ ଭଗବାନ ଆସିଛନ୍ତି । ନିରାକାର ଭଗବାନ ଆଖି ଦ୍ୱାରା ଦେଖିହେବେ ନାହିଁ ନିରାକାରଙ୍କ ଅନୁଭବ ବୁଦ୍ଧି ଦ୍ୱାରା କରାଯାଏ । ମନୁଷ୍ୟ ଯେତେବେଳ ପାପ କରେ, ଭାବିଥାଏ ତାକୁ କେହି ଦେଖୁନାହାନ୍ତି । କିଛି ମାତ୍ରାରେ ପୁଣ୍ୟ କଲେ, ଭାବୁଥାଏ ଭଗବାନ ଦେଖୁଛନ୍ତି । ତାଙ୍କୁ ଆଶୀର୍ବାଦ କରିବେ । ଏ ଧାରଣା ଭ୍ରମାତ୍ମକ । ଭଗବାନ ପାପ ପୁଣ୍ୟ ଉଭୟ ଦେଖନ୍ତି । ଏପରି କୌଣସି ସ୍ଥାନ ଜଗତରେ ନାହିଁ, ଯେଉଁଠି ଈଶ୍ୱର ନଥିବେ । ଭଗବାନ ସବୁଥିରେ ଅତି ସୂକ୍ଷ୍ମ ରୂପରେ ରହିଛନ୍ତି । ଦୁଧରେ ଲହୁଣୀ ଅଛି, ଦେଖାଯାଉ ନାହିଁ । ତାହା ଆଖିରେ ନୁହେଁ, ବୁଦ୍ଧିରେ ଦେଖାଯାଏ । ଦୁଧ ପିଇଲେ, ଦୁଧରେ ହାତ ମାରିଲେ, ସେଥିରେ ଲହୁଣୀ ଥିବା ଜଣାପଡେ ନାହିଁ କିନ୍ତୁ ସେହି ଲହୁଣୀ ବା ମାଖନ ହିଁ ଦୁଧକୁ ସ୍ୱାଦିଷ୍ଟ କରିଥାଏ । ଭଗବାନ ମଧ୍ୟ ଦୁଧ ପାଇଁ ନୁହେଁ, ମାଖନ ପାଇଁ ପାଗଳ । ତେଣୁ ଚୋରୀ କରିଥିଲେ । ନାମ ବହିଛନ୍ତି "ମାଖନ ଚୋର" । ସେହିପରି ପ୍ରତ୍ୟେକ ମନୁଷ୍ୟ ଦେହରେ କ୍ଷୀରରେ ମାଖନ ଥିବା ଭଳି ଭଗବାନ ଅଦୃଶ୍ୟ ରହି ଥିବାରୁ ମନୁଷ୍ୟ ଜୀବନ ଧନ୍ୟ ହୋଇଥାଏ । ଦୁଧକୁ ଦହି କରି ମନ୍ଥନ କଲେ ମାଖନ ବାହାରେ । ଠିକ୍ ସେହିପରି ମନକୁ ମନ୍ଥନ କର, ବୁଦ୍ଧି ଦ୍ୱାରା ପରମାତ୍ମାଙ୍କ ସତ୍ତା ଅନୁଭବ କର ।

# ମହାପୁରୁଷଙ୍କ ଜନନୀ

ବିଶ୍ୱ ରଙ୍ଗମଞ୍ଚର ଉଚ୍ଚପଦାସୀନ ତଥା ମହାନତାର ଉଚ୍ଚତମ ଶିଖରସ୍ଥ ବ୍ୟକ୍ତିଙ୍କ ଜୀବନ ଇତିହାସ ଉପରେ ଦୃଷ୍ଟିପାତ କଲେ ଉପଯୁକ୍ତ ତଥ୍ୟ ଆହୁରି ସ୍ପଷ୍ଟ ହୋଇଯାଏ । ସେମାନଙ୍କ ବିକାଶରେ ସାମାଜିକ ପରିସ୍ଥିତି, ଶିକ୍ଷା ଓ ସାଧନାଦିର ଯୋଗଦାନ ସୀମିତ ଥିଲା । ମା'ଙ୍କପ୍ରତି ଅନନ୍ୟ ଶ୍ରଦ୍ଧାଭାବନା ହିଁ ତାଙ୍କୁ ସଫଳତାର ଶିଖର ପର୍ଯ୍ୟନ୍ତ ପହଞ୍ଚାଇଛି ।

ରାଷ୍ଟ୍ରପତି ଆଇଜନ ହୋଭର କହୁଥିଲେ, ବର୍ତ୍ତମାନ ସୁଦ୍ଧା ମୁଁ ଯାହା ବି ହୋଇ ପାରିଛି, ତାହା ମାଆଙ୍କ ସ୍ନେହସିକ୍ତ ପ୍ରେରଣା ଓ ପ୍ରଶିକ୍ଷଣର ହିଁ ପ୍ରତିଫଳ । ଜନ କ୍ୟାନେଡି ଏକ ପ୍ରେସ୍ ଇଣ୍ଟରଭ୍ୟୁରେ ନିଜ ଆକର୍ଷକ ବ୍ୟକ୍ତିତ୍ୱ ଓ ସଫଳତାର ରହସ୍ୟୋଦ୍‌ଘାଟନ କରି କହିଛନ୍ତି, "ମୋର ମା ସିଦ୍ଧାନ୍ତ ଓ ଆଦର୍ଶ ଦୃଷ୍ଟିରୁ ବହୁତ କଠୋର, କିନ୍ତୁ ସମ୍ବେଦନା ଦୃଷ୍ଟିରୁ ମହମବତି ପରି କୋମଳ ଥିଲେ । ତାଙ୍କର ଅସୀମ ସ୍ନେହ ହିଁ ମୋତେ ବର୍ତ୍ତମାନର ସ୍ଥିତିପ ର୍ଯ୍ୟନ୍ତ ପହଞ୍ଚାଇଛି ।" ଆବ୍ରାହ ଲିଙ୍କନ ଯେତେବେଳେ ଆମେରିକାର ରାଷ୍ଟ୍ରପତି ହେଲେ, ସେ ନିଜ ସଫଳତା ବିଷୟରେ କହିଲେ, "ମୁଁ ଯାହା ବି ହୋଇ ପାରିଛି ଓ ଆଗକୁ ଆଶା କରୁଛି, ସେସବୁର ଶ୍ରେୟାଧିକାରିଣୀ କେବଳ ମୋର ମା' ।

ଶିବାଜୀ, ରାଣା ପ୍ରତାପଙ୍କଠାରୁ ନେଇ ସ୍ୱାଧୀନତା ସଂଗ୍ରାମର କ୍ରାନ୍ତିକାରୀ ଭଗତସିଂହ, ଆଜାଦ ପର୍ଯ୍ୟନ୍ତ ସମସ୍ତେ ମାଆଙ୍କ ପଣତରେ ବସି ଶାସନ, ପରାକ୍ରମ ଓ ଚରିତ୍ର ନିଷ୍ଠାର ପାଠ ପଢ଼ିଛନ୍ତି । ସେମାନଙ୍କ ଜୀବନରେ ବାଲ୍ୟକାଳରୁ ହିଁ ମାତୃଭୂମିପ୍ରତି ତ୍ୟାଗ-ବଳିଦାନର ବୀଜାରୋପଣ ହୋଇଥିଲା । ଗାନ୍ଧୀଜୀ ଅଧ୍ୟୟନହେତୁ ବିଲାତ ଯିବାବେଳେ ତାଙ୍କ ମାଆ ତାଙ୍କୁ ସଦାଚାର ଓ ସତ୍ୟର ପ୍ରତିଜ୍ଞା କରାଇଥିଲେ, ଯାହାର ନିର୍ବାହ ସେ ସାରା ଜୀବନ କଲେ । ଗାନ୍ଧୀଜୀ କହୁଥିଲେ, ମୋ ମାଆ ଯେଉଁ ସଦାଚାର ଓ ସତ୍ୟନିଷ୍ଠାର ପାଠ ପଢ଼ାଇଥିଲେ, ତାହା ମୋର ଜୀବନର ମୂଳମନ୍ତ୍ର ହୋଇଗଲା ।

ବାଲ୍ୟକାଳରେ ବିନୋବାଙ୍କ ସାଙ୍ଗରେ ଏକ ମାତୃ-ପିତୃହୀନ ବାଳକ ରହୁଥିଲା । ବିନୋବାଙ୍କ ମାଆ ତାକୁ ଘିଅଲଗା ରୋଟି ଦେଉଥିଲେ ଯଦ୍ୟପି ବିନୋବାଙ୍କୁ ସାଦା ରୋଟି ହିଁ ମିଳୁଥିଲା । ଥରେ ଏହି ପକ୍ଷପାତର କାରଣ ପଚାରିବାରୁ ତାଙ୍କ ମାଆ ଭାବବିହ୍ୱଳ ହୋଇ କହିଲେ, ପୁଅ ! ଏହି ବାଳକର ମାତା-ପିତା କେହି ନାହିଁ । ଏହାକୁ ଅତିରିକ୍ତ ସ୍ନେହ ଦରକାର । ତୋର ମାଆ ଥିବାରୁ ତାହା ତୋତେ ସହଜରେ ମିଳିଯାଏ ।" ମାଆଙ୍କ ବିଶାଳ ହୃଦୟରୁ ଫୁଟୁଥିବା ସ୍ନେହର ପବିତ୍ର ଧାରା ଉଦାରତା ଓ ମହାନତାର ଯେଉଁ ପାଠ ପଢ଼ାଇଥିଲା, ତାହା ବିନୋବାଙ୍କ ଜୀବନ ଧାରା ହିଁ ବଦଳାଇ ଦେଲା ।

ଆମେରିକାର ୧୮ତମ ରାଷ୍ଟ୍ରପତି ୟୁଲିସେସ୍ ସିମ୍ପସନ ଗ୍ରାଣ୍ଟଙ୍କ ଜୀବନର ଏକ ମାର୍ମିକ ଘଟଣା । ଥରେ ସେ ପରିବାର ସହିତ ଗିର୍ଜାଘରରେ ସାମୂହିକ ପ୍ରାର୍ଥନାରେ ସାମିଲ ହୋଇଥିଲେ । ଗ୍ରାଣ୍ଟଙ୍କ ଛୋଟ ପୁଅ ପାଟିତୁଣ୍ଡ କରିବାରେ ଲାଗିଲା । ଏଥିରୁ ଗ୍ରାଣ୍ଟ ସାହେବଙ୍କର ଧ୍ୟାନରେ ବାଧା ଆସିଲା । ସେ ତାଙ୍କ ପୁଅଙ୍କୁ ଶାନ୍ତ ରହିବା ପାଇଁ ସଙ୍କେତ କଲେ, କିନ୍ତୁ ତା'ର ଚପଳତା ଜାରି ରହିଲା । ଗ୍ରାଣ୍ଟଙ୍କ କ୍ରୋଧ ଆସିଲା ଓ ସେ ପୁଅଙ୍କୁ ତିନି ଚାରି ଥାପୁଡ଼ା କସିଦେଲେ ।

ଗ୍ରାଣ୍ଟଙ୍କ ବିୟୋବୃଦ୍ଧ ମାତା ଉଠିଲେ ଓ ସ୍ନେହର ସହ ବାଳକକୁ କୋଳେଇ ଚୁପ୍ କରାଇଲେ । ବାଳକ ଚୁପ୍ ହେବାପରେ ସେ ଗ୍ରାଣ୍ଟଙ୍କ ଆଡ଼କୁ ବୁଲିପଡ଼ି ତାଙ୍କୁ ତିନି ଚାରି ଚାପୁଡ଼ା ମାରିଲେ ଉପସ୍ଥିତ ଲୋକଙ୍କ ଭିତରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଗଲା । ଗ୍ରାଣ୍ଟ ନିଜ ମାଆଙ୍କ ପାଦତଳେ ବସି କହିଲେ, ମା ! ମୋର କି ବଡ଼ ଅପରାଧ ଥିଲା ଯାହାପାଇଁ ମୋତେ ଦଣ୍ଡ ଦେଲେ ?

ମାଆଙ୍କ ହୃଦୟ ବିଗଳିତ ହୋଇଗଲା । ସେ ତାଙ୍କୁ ହୃଦୟରେ ଲଗାଇ କହିଲେ, ଯେଉଁ ଅପରାଧ ପାଇଁ ତୁ ବାଳକକୁ ଦଣ୍ଡ ଦେଲୁ, ସେହି ଅପରାଧ ତୁ ମଧ କରିଛୁ । ବାଳକ ତ ଚପଳତା କରୁଥିଲା, କିନ୍ତୁ ତୋର ଧ୍ୟାନ କେଉଁଠି ଥିଲା ? ତୋର ମନ ତ ଚଞ୍ଚଳ ଥିଲା, ଏପରି ପ୍ରାର୍ଥନାରେ କି ଲାଭ ?

ଗ୍ରାଣ୍ଟ ନିଜ ଭୁଲ୍ ବୁଝିଗଲେ ଓ ଭାବବିହ୍ୱଳ ହୋଇ କହିଲେ, ସତରେ ମା ! ତୁମ କାରଣରୁ ହିଁ ମୁଁ ରାଷ୍ଟ୍ରପତି ପଦଯାଏ ପହଞ୍ଚି ପାରିଛି ।

# ସତ୍‌ସଙ୍ଗର ଲାଭ

ଜଣେ ଜିଜ୍ଞାସୁ ପ୍ରଶ୍ନ କଲେ – 'ମହାମୁନ୍ ! ମୁଁ ଭଗବାନଙ୍କୁ କେଉଁଠି ଓ କିପରି ପ୍ରାପ୍ତ କରିବି ?' ଏ ଉପରେ ବାବା କହିଲେ- 'ବତ୍ସ ! ଭଗବାନ ଏହି ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବଶକ୍ତିମାନ ଅଟନ୍ତି । ଭଗବାନ ଏହି ଅଖିଳ ବିଶ୍ୱ ବ୍ରହ୍ମାଣ୍ଡର ନାୟକ । ସେ ହିଁ ଜଗନ୍ନିୟନ୍ତା । ଏମିତି କୌଣସି ସ୍ଥାନ ନାହିଁ, ଯେଉଁଠି ପ୍ରଭୁ ଉପସ୍ଥିତ ନ ଥିବେ । ସେ ନିରାକାର ହୋଇ ମଧ ସାକାର । ସେ ନିର୍ଗୁଣ ହୋଇ ମଧ ସଗୁଣ । ସେ ଅବ୍ୟକ୍ତ ହୋଇ ମଧ ବ୍ୟକ୍ତ ।

ସଚ୍ଚା ଭଗବଦ୍‌ଭକ୍ତ ଭଗବାନଙ୍କୁ ନିଜର ପ୍ରେମ ଦ୍ୱାରା ଯେଉଁଠି ବି ପ୍ରକଟ କରିପାରେ । ଧ୍ରୁବ, ପ୍ରହ୍ଲାଦ, ଆଚାର୍ଯ୍ୟ ଶଙ୍କର, ରାମକୃଷ୍ଣ ପରମହଂସ ଆଦି ଅନେକ ଭକ୍ତ ଭଗବାନଙ୍କୁ ନିଜର ପ୍ରେମ ଦ୍ୱାରା ପ୍ରକଟ କରିଛନ୍ତି । ଭଗବାନ ଆମର ପବିତ୍ର ଭାବନାକୁ ଦେଖନ୍ତି, ଆମର ସଚ୍ଚା ପ୍ରେମକୁ ଦେଖନ୍ତି, ତାହାକୁ ଦେଖି ହିଁ ସେ ଆମର ହୃଦୟରେ, ଆମର ଆତ୍ମାରେ ନିଜ ଉପସ୍ଥିତିର ଆଭାସ କରାନ୍ତି । ଭଗବାନ ଶ୍ରୀକୃଷ୍ଣ ଗୀତାର ୧୦ମ ଅଧ୍ୟାୟର ଶ୍ଲୋକ ସଂଖ୍ୟା ୨୦ରେ ସ୍ୱୟଂ କହିଛନ୍ତି 'ମୁଁ ସମସ୍ତ ଭୂତଙ୍କ ହୃଦୟରେ ସ୍ଥିତ ଆତ୍ମା ଅଟେ ତଥା ସମ୍ପୂର୍ଣ୍ଣ ଭୂତଙ୍କର ଆଦି, ମଧ ଓ ଅନ୍ତ ମୁଁ ହିଁ ଅଟେ ।

ସେ କହିଲେ- 'ଆମେ ଭଗବାନଙ୍କୁ ଅନ୍ୟତ୍ର କେଉଁଠି ଖୋଜିବାର ଆବଶ୍ୟକତା ନାହିଁ । ସେ ତ ଆମର ଆତ୍ମାରେ ବିରାଜମାନ ଅଛନ୍ତି । ସେହି ସର୍ବବ୍ୟାପୀ ପ୍ରଭୁ ଘଟ ଘଟରେ, ସୃଷ୍ଟିର କଣ କଣରେ ବିରାଜିତ । ତାଙ୍କୁ ଦେଖିବା ପାଇଁ ଦିବ୍ୟଦୃଷ୍ଟି ଅର୍ଥାତ୍ ପବିତ୍ର ଦୃଷ୍ଟି ଦରକାର । ଯେଉଁ ଦୃଢ଼ନିଶ୍ଚୟ ଭକ୍ତଜନ ନିରନ୍ତର ପ୍ରଭୁଙ୍କ ନାମ ଓ ଗୁଣର ସ୍ମରଣ, ଚିନ୍ତନ, କୀର୍ତ୍ତନ ଆଦି କରି ତାଙ୍କର ପ୍ରାପ୍ତି ନିମନ୍ତେ ସଚ୍ଚା ମନରେ ପ୍ରୟାସ କରନ୍ତି, ଯେଉଁମାନେ ସର୍ବଦା ପ୍ରଭୁଙ୍କର ଧ୍ୟାନ କରି ତାଙ୍କର ଉପାସନା କରନ୍ତି, ସେମାନଙ୍କୁ ପ୍ରଭୁ ପ୍ରାପ୍ତି ଅବଶ୍ୟ ହୋଇଥାଏ ।

ଗୀତାର ନବମ ଅଧ୍ୟାୟର ୨୬ତମ ଶ୍ଲୋକରେ ଭଗବାନ ସ୍ୱୟଂ କହିଛନ୍ତି, 'ଯେଉଁ ଭକ୍ତ ମୋ ପାଇଁ ପ୍ରେମ ପୂର୍ବକ ପତ୍ର, ପୁଷ୍ପ, ଫଳ ଆଦି ଅର୍ପଣ କରିଥାଏ, ସେହି ଶୁଦ୍ଧ ବୁଦ୍ଧି, ନିଷ୍କାମ ପ୍ରେମୀ ଭକ୍ତର ପ୍ରେମପୂର୍ବକ ଅର୍ପଣ କରାଯାଇଥିବା ପତ୍ର-ପୁଷ୍ପ ଆଦିକୁ ମୁଁ ସଗୁଣ ରୂପେ ପ୍ରକଟ ହୋଇ ପ୍ରୀତିର ସହିତ ଖାଇଥାଏ । । ପୁଣି ଭଗବାନ ଗୀତାର ନବମ ଅଧ୍ୟାୟର ୨୯-୩୦ ତମ ଶ୍ଲୋକରେ କହିଛନ୍ତି- 'ମୁଁ ସମସ୍ତ ଭୂତଙ୍କ ମଧ୍ୟରେ ସମଭାବରେ ବ୍ୟାପ୍ତ । ମୋର କେହି ପ୍ରିୟ କି ଅପ୍ରିୟ ନୁହେଁ, କିନ୍ତୁ ଯେଉଁ ଭକ୍ତ ମୋତେ ପ୍ରେମ ପୂର୍ବକ ଭଜିଥାଏ, ସେ ମୋ ଭିତରେ ଅଛି ଏବଂ ମୁଁ ମଧ ତା' ଭିତରେ ପ୍ରତ୍ୟକ୍ଷ ରୂପେ ପ୍ରକଟ ହୋଇଥାଏ ।' ଏଠାରେ ଭଗବାନ କହିବାକୁ ଚାହୁଁଛନ୍ତି ଯେ ସୂକ୍ଷ୍ମ ରୂପେ ଯେପରି ସବୁ ସ୍ଥାନରେ ବ୍ୟାପ୍ତ ଅଗ୍ନି ସାଧନଗୁଡ଼ିକ ଦ୍ୱାରା ପ୍ରକଟ କଲେ ହିଁ ପ୍ରତ୍ୟକ୍ଷ ହୋଇଥାଏ, ସେହିପରି ସବୁ ସ୍ଥାନରେ ଉପସ୍ଥିତ ପରମାତ୍ମା ମଧ ଭକ୍ତି ଦ୍ୱାରା, ପ୍ରେମ ଦ୍ୱାରା ଭଜନ କରୁଥିବା ବ୍ୟକ୍ତିର ଅନ୍ତଃକରଣରେ ପ୍ରତ୍ୟକ୍ଷ ରୂପେ ପ୍ରକଟ ହୋଇଥାନ୍ତି ।

ଏହା ସହିତ ଭଗବାନଙ୍କର ସ୍ପଷ୍ଟ ଆଶ୍ୱାସନ, ବଚନ ହେଉଛି– ଯଦି କୌଣସି ଅତିଶୟ ଦୁରାଚାରୀ ମଧ ଅନନ୍ୟ ଭାବରେ ମୋର ଭକ୍ତ ହୋଇ ମୋତେ ଭଜିଥାଏ ତେବେ ସେ ସାଧୁ ରୂପେ ସ୍ୱୀକୃତ ହେବାର ଯୋଗ୍ୟ; କାରଣ ସେ ଯଥାର୍ଥ ନିଶ୍ଚୟୀ ଅଟେ ଅର୍ଥାତ୍ ସେ ଭଲ ଭାବରେ ନିଶ୍ଚୟ କରି ନେଇଛି ଯେ ପରମେଶ୍ୱରଙ୍କ ଭଜନ ସମାନ ଅନ୍ୟ କିଛି ନାହିଁ । ଏପରି ମାନୁଥିବା ବ୍ୟକ୍ତି ଶୀଘ୍ର ଧର୍ମାତ୍ମା ହୋଇଯାଏ ଏବଂ ସର୍ବଦା ରହୁଥିବା ପରମ ଶାନ୍ତକୁ ପ୍ରାପ୍ତ କରିଥାଏ ।"

ଏହିପରି ଜିଜ୍ଞାସୁମାନଙ୍କ ଜିଜ୍ଞାସାଗୁଡ଼ିକର ଯଥୋଚିତ ସମାଧାନ କରି ବାବା ବ୍ରହ୍ମଦାସ ସତ୍‌ସଙ୍ଗର ସମାପନ କଲେ । ସତ୍‌ସଙ୍ଗରେ ଜ୍ଞାନର ଅମୃତକୁ ପାଇ ସମସ୍ତେ ଧନ୍ୟଧନ୍ୟ ହୋଇଗଲେ, ସମସ୍ତଙ୍କୁ ଏକ ନୂତନ ଜୀବନ ଦୃଷ୍ଟି ମିଳିଲା । ସମସ୍ତେ ମହାତ୍ମାଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶଗୁଡ଼ିକୁ ନିଜ ଜୀବନରେ ଉତାରିବା ଓ ତଦନୁରୂପ ଜୀବନଯାପନ କରିବାର ସଂକଳ୍ପ ନେଲେ । ସତ୍ସଙ୍ଗ ଦ୍ୱାରା ସେ ସମସ୍ତଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆସିଲା । ସମସ୍ତ ଗ୍ରାମବାସୀ ନିତ୍ୟ ଭଗବତ୍ ଉପାସନା, ଭଜନ, ଧ୍ୟାନ, ସ୍ମରଣ କରିବାରେ ଲାଗିଲେ । ସେମାନେ ମନ୍ଦ ଓ ଅଶୁଭ କର୍ମଗୁଡ଼ିକ ଠାରୁ ଦୂରେଇ ରହିବାରେ ଲାଗିଲେ ଏବଂ ଶୁଭ ଓ ପୁଣ୍ୟକର୍ମ କରି ଆନନ୍ଦପୂର୍ବକ ଜୀବନ ବିତାଇବାରେ ଲାଗିଲେ । ମାନସକାର ସତ୍ସଙ୍ଗର ମହିମା ବିଷୟରେ ଠିକ୍ ହିଁ କହିଛନ୍ତି – ସତ୍‌ସଙ୍ଗ ବିନା ବିବେକ ହୁଏ ନାହିଁ ଏବଂ ଶ୍ରୀରାମଙ୍କ କୃପା ବିନା ସତ୍‌ସଙ୍ଗ ସହଜରେ ମିଳେ ନାହିଁ । ସତ୍‌ସଙ୍ଗତି ଆନନ୍ଦ ଓ କଲ୍ୟାଣର ମୂଳ । ସତ୍‌ସଙ୍ଗର ସିଦ୍ଧି (ପ୍ରାପ୍ତି) ହିଁ ଫଳ ଅଟେ, ବାକି ସବୁ ସାଧନ ତ ଫୁଲ ହୋଇଥାଏ ।

## ଟିକିଏ ହସନ୍ତୁ

ରମେଶ ମୋହନକୁ :କ'ଣ କିରେ ଦିନସାରା ମୋବାଇଲ ଭିତରେ ବୁଡି ରହୁଛୁ ।
ମୋହନ : ଖାଲି କ'ଣ ମୁଁ ଏକୁଟିଆ । ଆଜିକାଲି ପରା ସମସ୍ତେ ମୋବାଇଲ୍ ଭିତରେ ବୁଡି ରହୁଛନ୍ତି ।
ରମେଶ : ଜାଣିଛୁ ଏଇଟା ହେଉଛି ଏକ ଅଭିଶାପର ଫଳ ।
ମୋହନ : ଅଭିଶାପ ।
ରମେଶ : ହଁ, ଯେତେବେଳେ ମଣିଷ ପ୍ରଥମ ଥର ଜାଲ ପକାଇ ମାଛ ଶିକାର କରିଥିଲା, ସେତେବେଳେ ଗୋଟେ ମାଛ ଅଭିଶାପ ଦେଇଥିଲା– ତୁ ବି ଦିନେ 'ନେଟ୍'ରେ ଫସିବୁ । ଆଉ ବାହାରିବାର ରାସ୍ତା ପାଇବୁନି ।

× × × ×

ଶୁଭଜିତ୍ ରାକେଶକୁ: ଆରେ ତୁ ଯୋଉ ଝିଅକୁ ଲାଇନ୍ ମାରୁଛୁ ସିଏ ଆଗରୁ ଜଣକ ସହ ସେଟ୍ ଅଛି ।
ରାକେଶ : କ'ଣ ହେଲା ସେଇଠୁ ।
ଖାଲି ଚେୟାର ଉପରେ ତ ସମସ୍ତେ ବସିବାକୁ ଚାହିଁବେ । କିନ୍ତୁ କାହାକୁ ଚେୟାରରୁ ହଟେଇ ବସିବା ବଡ଼ ହିମ୍ମତର କଥା ।



× × ×

ମା' ଫୋନ କରି ପୁଅକୁ: ତୁ ଟିକେ ଜଲ୍‌ଦି ଘରକୁ ପଳେଇ ଆସ ।
ପୁଅ : କାହିଁକି ?
ମା- ବୋହୁକୁ ପାରାଲାଇଜ୍ ଆଟାକ୍ ଆସି ଯାଇଛି । ସେ ମୁହଁକୁ ବଙ୍କା କରି ଦେଇଛି, ଆଖି ଉପରକୁ ଆଉ ବେକ ବଙ୍କା କରି ରଖିଛି ।
ପୁଅ : ଓ ! ଏଇ କଥା । ତୁ ଚିନ୍ତା କରନା । ସେ ସେଲ୍ଫି ଉଠଉଛି ।

× × × ×

ରମେଶ ସାନୁକୁ: ଜାଣିଛୁ ସାଙ୍ଗ, ମୋ ବେଷ୍ଟ ଫ୍ରେଣ୍ଡ ମତେ ଧୋକା ଦେଇଛି ।
ସାନୁ : ଓଃ । ଶୁଣି ଦୁଃଖ ଲାଗିଲା । ହେଲେ ସେ କ'ଣ କରିଛି ?
ରମେଶ : ସେ ଦିନେ ମତେ କହିଥିଲା, ମୁଁ ତାକୁ ଜାନ୍ ମାଗିଲେ ବି ମତେ ଦେଇଦେବ । ଏବେ ସେ ତା' ପ୍ରେମିକାକୁ ଜାନ୍ କହୁଛି ।
ଆଉ ମାଗିଲେ ଗାଳି ଦେଉଛି ।

× × × ×

ରୋଗୀ ନର୍ସଙ୍କୁ: ମୁଁ ତୁମକୁ ଭଲ ପାଇ ବସିଛି ।
ନର୍ସ: ସତେ । ତାକୁ ଇଂଲିଶରେ କହିଲ ଦେଖି ।
ରୋଗୀ : ଆଇ ଲଭ୍ ୟୁ ସିଷ୍ଟର ।
ନର୍ସ: ଆଇ ଲଭ୍ ୟୁ ଠୁ ମାଇଁ ବ୍ରଦର ।

× × × × × ×

ପପୁ ପୁରା ସିଙ୍ଗଡ଼ା ନ ଖାଇ ଖାଲି ତା' ଭିତରେ ଥିବା ମସଲା ଖାଉଥିଲା, ଏହା ଦେଖି–
ସଞ୍ଜୁ ପଚାରିଲା : ଆରେ ! ତୁ ପୁରା ସିଙ୍ଗଡ଼ା କାହିଁକି ଖାଉନୁ ?
ପପୁ : ମୋ ଦେହ ଭଲ ନାହିଁ । ଡାକ୍ତର ପରା ମନା କରିଛନ୍ତି ବାହାର ଜିନିଷ ଖାଇବାକୁ ।

ଶ୍ରୀକ୍ଷେତ୍ର

ବର୍ଷ ୨୬, ସଂଖ୍ୟା- ୨୦, ୧୫ - ୨୧ ମଇ ୨୦୨୨

## ମଦ୍ୟପାନ ଓ ତମାଖୁ ସେବନରେ ଓଡ଼ିଶା ଆଗରେ

ଓଡ଼ିଶାର ଲୋକମାନେ ଅଧିକ ମାତ୍ରାରେ ମଦ ପିଉଛନ୍ତି । ଏପରିକି ମଦ୍ୟପାନରେ ବଡ଼ ରାଜ୍ୟମାନଙ୍କୁ ଓଡ଼ିଶା ପଛରେ ପକାଇ ଦେଇଛି । ଜାତୀୟ ସ୍ତରରେ ୧୮ ପ୍ରତିଶତ ପୁରୁଷ (୧୫ବର୍ଷରୁ ଅଧିକ) ମଦ୍ୟପାନ କରୁଥିବା ବେଳେ ଓଡ଼ିଶାରେ ୨୮.୮ ପ୍ରତିଶତ ପୁରୁଷ ମଦ ପିଉଛନ୍ତି । କେବଳ ପୁରୁଷ ନୁହନ୍ତି, ଓଡ଼ିଶାର ମହିଳାମାନେ ମଧ ଏଥିରେ ପଛରେ ନାହାନ୍ତି । କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)- ୫ ଦ୍ୱିତୀୟ ପର୍ଯ୍ୟାୟରେ ଏଭଳି ଚକିତ କଲାଭଳି ତଥ୍ୟ ସାମ୍ନାକୁ ଆସିଛି ।

ଏନ୍‌ଏଫ୍‌ଏଚ୍‌ଏସ୍-୫ ପାଇଁ ୬,୩୬,୬୯୯ ପରିବାରକୁ ସାମିଲ କରାଯାଇଥିବା ବେଳେ ଓଡ଼ିଶାରେ ୨୬,୪୭୬ ପରିବାର ଏଥିରେ ସାମିଲ ହୋଇଥିଲେ । ମଦ୍ୟପାନ କ୍ଷେତ୍ରରେ ୧୫ବର୍ଷରୁ ଅଧିକ ବୟସ୍କର ଲୋକଙ୍କଠାରୁ ଘର ଘର ବୁଲି ତଥ୍ୟ ସଂଗ୍ରହ କରାଯାଇଥିଲା । ଅରୁଣାଚଳ ପ୍ରଦେଶ ୫୨.୬, ଝାଡ଼ଖଣ୍ଡରେ ୩୫, ଛତିଶଗଡ଼ ୩୪.୮, ତାମିଲନାଡୁ ୨୫.୪, ଉତ୍ତରଖଣ୍ଡ ୨୫.୫, ପଞ୍ଜାବ ୨୨.୮, ମଧପ୍ରଦେଶ ୧୭.୧, ଉତ୍ତର ପ୍ରଦେଶ ୧୪.୬ ଓ ହରିୟାନା ୧୬.୧ ପ୍ରତିଶତ ଲୋକ ମଦ୍ୟପାନ କରୁଛନ୍ତି । ସେହିପରି ଜାତୀୟସ୍ତରରେ ୧.୬ ପ୍ରତିଶତ ମହିଳା ମଦ୍ୟପାନ କରୁଥିବା ବେଳେ ଓଡ଼ିଶାରେ ଏହା ୪.୩ ପ୍ରତିଶତ ରହିଛି । ଓଡ଼ିଶାରେ ଉଭୟ ପୁରୁଷ ଓ ମହିଳା ମଦ୍ୟପାନରେ ଜାତୀୟ ହାରକୁ ପଛରେ ପକାଇ ଦେଇଥିବା ସର୍ଭେରୁ ଜଣାପଡ଼ିଛି । ରାଜ୍ୟରେ ସହରାଞ୍ଚଳରେ ୨୨.୭ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୩୦.୨ ପ୍ରତିଶତ ପୁରୁଷ ମଦ୍ୟପାନ କରୁଛନ୍ତି । ତେବେ ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ଏ ସଂପର୍କିତ କୌଣସି ତଥ୍ୟ ଉପଲବ୍ଧ ନ ଥିବାରୁ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଓଡ଼ିଶାରେ ଏହି ସ୍ଥିତିରେ କେଉଁ ପ୍ରକାର ପରିବର୍ତ୍ତନ ହୋଇଛି ତାହା ସ୍ପଷ୍ଟ ହୋଇପାରି ନାହିଁ ।

କେବଳ ମଦ୍ୟପାନ ନୁହେଁ, ତମାଖୁ ସେବନରେ ମଧ ଓଡ଼ିଶା ଆଗରେ ରହିଛି । ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର ସର୍ବେକ୍ଷଣ ରିପୋର୍ଟରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଜାତୀୟ ହାର ତୁଳନାରେ ପ୍ରାୟ ୧୪% ପୁରୁଷ ଏବଂ ୧୭% ମହିଳା ୭ ୧୧ର ତମାଖୁ ସେବନ କରୁଛନ୍ତି । ସୂଚନା ମୁତାବକ, ଭାରତରେ ୩୮% ପୁରୁଷ ତମାଖୁ ସେବନ କରୁଥିବା ବେଳେ ଓଡ଼ିଶାରେ ୫୧୬% କରୁଛନ୍ତି । ସେହିପରି ଭାରତରେ ୮.୯% ଏବଂ ଓଡ଼ିଶାରେ ୨୬% ମହିଳା ତମାଖୁ ସେବନ କରୁଛନ୍ତି । ତମାଖୁ ସେବନ ଯୋଗୁ ବର୍ଷକୁ ଭାରତରେ ପ୍ରାୟ ୧୩ ଲକ୍ଷ ଲୋକ କ୍ୟାନ୍ସରରେ ପ୍ରାଣ ହରାଉଥିବା ବେଳେ ଓଡ଼ିଶାରେ ବର୍ଷକୁ ୩୦ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି । ପ୍ରତିବର୍ଷ ଓଡ଼ିଶାରେ ପ୍ରାୟ ୧୦ ହଜାର ନୂଆ ମୁଖଗହ୍ୱର କର୍କଟ ରୋଗୀ ସୃଷ୍ଟି ହେଉଥିବା ଜଣାପଡ଼ିଛି । କେତେକ ରାଜ୍ୟ ଭଳି ଓଡ଼ିଶା ୨୦୧୩ରୁ ତମାଖୁ ନିଷେଧ କରିଥିଲେ ମଧ କୋର୍ଟକଚେରିରେ ମାମଲା ଗଡ଼ିବା ପରେ ରାଜ୍ୟରେ ତମାଖୁ ନିଷେଧ ବିଫଳ ହୋଇଛି । ଏବେ ଖୋଲାଖୋଲି ଭାବେ ତମାଖୁଯୁକ୍ତ ଗୁଟ୍‌ଖା ମିଳୁଛି ଏବଂ ଲୋକମାନେ ଅବାଧରେ ତାହାକୁ ସେବନ କରିଚାଲିଛନ୍ତି ।

ରାଜ୍ୟରେ ମଦ୍ୟପାନ ପାଇଁ ସରକାରୀ ପ୍ରୋତ୍ସାହନ ରହିଛି । ଲୋକମାନେ ଟଙ୍କା ଓ ମଦ ନେଇ ଭୋଟ ଦେଉଛନ୍ତି । ସମାଜର ତୃଣମୂଳସ୍ତରରେ ମଦର ବ୍ୟାପକ ପ୍ରସାର ହୋଇଛି । ତେଣୁ ନିଶାରୁ ଲୋକଙ୍କୁ ହଟାଇବା ଏତେ ସହଜ ନୁହେଁ । ଏଥିପାଇଁ ସରକାରୀ ସ୍ତରରେ ଉଦ୍ୟମ ସହିତ ସାଧାରଣ ଲୋକମାନେ ମଧ ଏହାର ବିରୋଧ ପାଇଁ ଆଗେଇ ଆସିବା ଦରକାର ତାହାଲେ ଯାଇ ରାଜ୍ୟରୁ ନିଶାର ପ୍ରଚାର ପ୍ରସାରକୁ ରୋକାଯାଇ ପାରିବ ।

## ବହୁ ଉପକାରୀ କଲମ ଶାଗ

**ଶା**ଗ ଏକ ପୁଷ୍ଟିକର ଖାଦ୍ୟ । ଶାଗ ଖାଇଲେ ଦୃଷ୍ଟିଶକ୍ତି ଭଲ ରହିବ ବୋଲି ଆମେ ପିଲାଦିନୁ ଶୁଣି ଆସିଛୁ । ଏହା ସତ ମଧ । ସଜନା ଶାଗ, କୋଶଳା ଶାଗ, ହଡ଼ା ଶାଗ ଭଳି କଲମ୍ବ ନାମକ ଏକ ଶାଗ ଅଛି । କଲମ ଶାଗ ଖାଇବା ଶରୀର ପାଇଁ ବହୁତ ଉପଯୋଗୀ ।

ଏହି ଶାଗ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ କର୍କଟ ନିରୋଧ ଭାବେ କାମ କରିଥାଏ । ଯୁବତୀ ଓ ମହିଳାମାନେ ନିୟମିତ ଏହି ଶାଗ ଖାଇଲେ ତ୍ୱଚାରେ ଏକ ଚମକ ଆସିଥାଏ ।

ଯକୃତ ଜନିତ ସମସ୍ୟା ଦୂର କରିବାରେ ଏହି ଶାଗ ଅତ୍ୟନ୍ତ ଉପାଦେୟ ହୋଇଥାଏ ।

ମଧୁମେହ ରୋଗୀମାନେ ଏହି ଶାଗକୁ ନିୟମିତ ରୂପେ ଖାଇଲେ ଉପଶମ ଲାଭ କରିଥାନ୍ତି ।

## ମୋ'ର କୌଣସି ସଂସ୍କୃତିକ ସଂକୀର୍ଣ୍ଣତା ନାହିଁ

ମହାତ୍ମା ଗାନ୍ଧୀ



ମୋ' ଘରର ଚାରିପାଖେ ପାଚେରୀ ଦିଆହୋଇ ରହୁ ଏବଂ ମୋ'ର ଝରକାଗୁଡ଼ିକୁ ମୁଦି ଦିଆହେଉ, ଏକଥା ମୁଁ ଆଦୌ ଇଚ୍ଛା କରେ ନାହିଁ । ସକଳ ଦେଶର ସଂସ୍କୃତି ପବନ ହୋଇ ମୋ' ଘରର ଚତୁର୍ଦ୍ଦିଗରେ ଯଥା ସମ୍ଭବ ଅଧିକ ମୁକ୍ତ ଭାବରେ ବିଚରଣ କରୁ, ଏହା ହିଁ ମୋ'ର ଇଚ୍ଛା । ମାତ୍ର, କୌଣସି ସଂସ୍କୃତି ଆସି ମୋତେ ମୁଁ ଛିଡ଼ା ହୋଇଥିବା ଭୂଇଁରୁ ଉଡ଼ାଇ ନେଇଯାଉ, ମୁଁ ସେକଥା ମୋଟେ ମାନିନେବି ନାହିଁ । ଆଉ ଅନ୍ୟ ଲୋକମାନଙ୍କର ଘରେ ଜଣେ ଅନୁପ୍ରବେଶକାରୀ, ଏକ ଭିକାରୀ କିମ୍ୱା ଜଣେ ଦାସ ହୋଇ ରହିବାଲାଗି ମୁଁ ଆଦୌ ସ୍ୱୀକାର କରିନେବି ନାହିଁ ।

ଆମେ ପରସ୍ପରଠାରୁ ଅଲଗା ହୋଇ ରହିବା ଅଥବା ମଝିରେ ପାଚେରୀମାନ ଛିଡ଼ା କରି ରଖୁ, ମୋ' ଭାବନାଠାରୁ ଆଉ ଅନ୍ୟ କିଛି ହେଲେ ଏହାଠାରୁ ଅଧିକ ଦୂର ହେବନାହିଁ । ତଥାପି ମୁଁ ସମ୍ମାନପୂର୍ବକ ଅବଶ୍ୟ ଏକଥା ମଧ କହିରଖୁ ଯେ, ସର୍ବପ୍ରଥମେ ଆମ ନିଜ ସଂସ୍କୃତିଟିକୁ ଉତ୍ତମ କରି ବୁଝିବା ଏବଂ ତାହାକୁ ନିଜସ୍ୱ କରିନେବା ପରେ ଯାଇ ଅନ୍ୟ ସଂସ୍କୃତିଗୁଡ଼ିକୁ ପ୍ରକୃତରେ ବୁଝିବାର ଅବସର ଆସିବ, ତା'ପୂର୍ବରୁ କଦାପି ନୁହେଁ ।

ଏହା ମୋ'ର ଦୃଢ଼ ମତ ଯେ, ଆମ ନିଜ ସଂସ୍କୃତି ପରି ଅନ୍ୟ କୌଣସ ସଂସ୍କୃତିରେ ଏତେ ଏତେ ମୂଲ୍ୟବାନ୍ ସମ୍ପଦ ଭରପୂର ହୋଇ ରହିନାହିଁ । ଆମେ ତାହାର ପରିଚୟ ପାଇନାହୁଁ, ଏପରିକି ଏହାର ଅଧ୍ୟୟନକୁ ନିନ୍ଦା କରିବା ଏବଂ ଏହାର ମୂଲ୍ୟକୁ ଜଣା କରି ଦେଖିବାଲାଗି ଆମକୁ ଅନୁରୂପଭାବରେ ତାଲିମ ମଧ ଦିଆଯାଇଛି । ସେହି ସଂସ୍କୃତିଟିକୁ ବଞ୍ଚିବା ମଧ ଆମେ ପ୍ରାୟ ପାସୋରି ସାରିଲୁଣି । କୌଣସି ସୈଦ୍ଧାରିକ ଅବବୋଧ ପଛରେ ଯଦି ପ୍ରୟୋଗକ୍ଷେତ୍ରର ଅନୁଭବ ନଥାଏ, ତେବେ ତାହାକୁ ଏକ ମହମଦିଆ ମୃତଦେହ ବୋଲି କୁହାଯିବ; ସେଇଟି ଦେଖିବା ବେଳକୁ ହୁଏତ ଭାରୀ କମନୀୟ ଦିଶୁଥି, ମାତ୍ର ତା'ଭିତରେ ପ୍ରେରଣା ଦେବାକୁ ଅଥବା ଉତ୍ତୋଳିତ କରିନେବାକୁ ଆଦୌ କିଛି ନଥିବ ।

ମୋ'ର ଧର୍ମ ମୋ'ଲାଗି ଅନ୍ୟ କୌଣସି ସଂସ୍କୃତିକୁ ସାନ କରି ଦେଖିବା ଅଥବା ତା'ର ଅନାଦର କରିବାକୁ ନିଷିଦ୍ଧ କରି ରଖିଛି ; ଠିକ୍ ସେହିପରି ତାହା ମୋତେ ସାମୂହିକ ଆତ୍ମଘାତିତାର ଆଶଙ୍କା ଦେଖାଇ ସଂସ୍କୃତିକୁ ନିଜସ୍ୱ କରି ରଖିବା ଓ ତାହାକୁ ଜୀବନରେ ବଞ୍ଚିବା ବିଷୟରେ ମଧ ସର୍ବଦା ଗୁରୁତ୍ୱ ଦେଇଆସିଛି ।

ଭାରତବର୍ଷକୁ ଯେତେ ଯେତେ ସଂସ୍କୃତି ଆସିଛି ଓ ଏଠାକୁ ଆସି ରହି ଯାଇଛି, ଯେଉଁମାନେ ଭାରତୀୟ ଜୀବନ ଉପରେ ପ୍ରଭାବ ପକାଇଛନ୍ତି ଓ ତାହାର ପରିପୂରକଭାବରେ ଏହି ମାଟିର ମୂଳ ଭାବନାଟିଦ୍ୱାରା ପ୍ରଭାବିତ ହୋଇଛନ୍ତି, ଭାରତୀୟ ସଂସ୍କୃତି ସେହି ଭିନ୍ନ ଭିନ୍ନ ସଂସ୍କୃତିର ଏକ ସମନ୍ୱୟର ନିଦର୍ଶନ ହୋଇ ରହିଛି । ସ୍ୱଭାବତଃ, ଏହି ସମନ୍ୱୟ ସ୍ୱଦେଶୀ ଧରଣର ଗୋଟିଏ କିଛି ହେବ, ଯେଉଁଥିରେ କି ପ୍ରତ୍ୟେକ ସଂସ୍କୃତିର ନିଜର ଏକ ନ୍ୟାଯ୍ୟ ସ୍ଥାନ ଅବଶ୍ୟ ରହିଥିବ ।

ଭାରତୀୟ ସଭ୍ୟତା ହେଉଛି ବହୁ ସଂସ୍କୃତିର ଏକ ସମ୍ମିଶ୍ରଣ ଓ ସେହିସବୁ ସଂସ୍କୃତି ଭିନ୍ନ ଭିନ୍ନ ଧର୍ମର ପ୍ରତିନିଧି କରୁଛନ୍ତି ଏବଂ ସେମାନେ ଯେଉଁଠାରେ ପରସ୍ପରକୁ ଭେଟିଛନ୍ତି, ସେହିସବୁ ସ୍ଥାନର ଭୌଗୋଳିକ ତଥା ଅନ୍ୟ ଏକାଧିକ ପରିବେଶ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏହିପରି ଭାବରେ, ଇସ୍‌ଲାମିକ୍ ସଂସ୍କୃତି - ଆରବ, ତୁରସ୍କ, ମିଶର ଓ ଭାରତବର୍ଷରେ କଦାପି ସେହି ଏକାଭଳି ହୋଇ ରହିନାହିଁ, ମାତ୍ର ଏହା ସ୍ୱୟଂ ସଂପୃକ୍ତ ଦେଶଗୁଡ଼ିକର ଅବସ୍ଥାଚୟ ଦ୍ୱାରା ପ୍ରଭାବିତ ହୋଇଛି । ତେଣୁ, ଭାରତୀୟ ସଂସ୍କୃତିକୁ ଭାରତୀୟ ବୋଲି ହିଁ କୁହାଯିବ । ଏହା ପୂର୍ଣ୍ଣଭାବରେ ହିନ୍ଦୁ ସଂସ୍କୃତି ନୁହେଁ, ଇସ୍‌ଲାମିକ୍ ସଂସ୍କୃତି ନୁହେଁ କିମ୍ୱା ଆଉକିଛି ସଂସ୍କୃତି ମଧ ନୁହେଁ । ଏହି ହେଉଛି ସବୁଟିର ଗୋଟିଏ ସମ୍ମିଳନ ଏବଂ ମର୍ମତଃ ପ୍ରାଚ୍ୟ । ଏବଂ, ଯେଉଁ ପୁରୁଷ ବା ନାରୀ ଆପଣାକୁ ଭାରତୀୟ ବୋଲି କହିବ, ତାକୁ ଅବଶ୍ୟ ସେହି ସଂସ୍କୃତିକୁ ନିଜର ସମ୍ପଦରୂପେ ସାଇତି ରଖିବାକୁ ପଡ଼ିବ, ସେ ତାହାର ମାରଫଦାର ହୋଇ ରହିବ ଏବଂ ତାହା ଉପରେ ଯାବତୀୟ ଆକ୍ରମଣର ପ୍ରତିରୋଧ କରିବ ।

ଆଧୁନିକ ଭାରତୀୟ ସଂସ୍କୃତି ବର୍ତ୍ତମାନ ତରଳ ଅବସ୍ଥାରେ ରହିଛି । ବର୍ତ୍ତମାନ ଯେଉଁସବୁ ସଂସ୍କୃତି ପରସ୍ପର ସହିତ ସଂଘାତ କରୁଥିବା ପରି ବୋଧ ହେଉଛନ୍ତି, ସେହି ସବୁଗୁଡ଼ିକୁ ନେଇ ଏକ ମିଶ୍ରରୂପ ବାହାର କରିବାକୁ ଆମମାନଙ୍କ ମଧରୁ ଅନେକେ ଚେଷ୍ଟା କରୁଛନ୍ତି । ଯଦି ଗୋଟିଏ ସଂସ୍କୃତି କେବଳ ଅଲଗା ଓ ଏକା ହୋଇ ରହିବାକୁ ଉଦ୍ୟମ କରିବ, ତେବେ ତାହା କଦାପି ତିଷ୍ଠି ରହି ପାରିବନାହିଁ ।

ଆଜି ଭାରତବର୍ଷରେ ଶୁଦ୍ଧ ଆର୍ଯ୍ୟ ସଂସ୍କୃତି ବୋଲି ପ୍ରକୃତରେ ଆଦୌ କୌଣସି ବସ୍ତୁ ନାହିଁ । ଆର୍ଯ୍ୟମାନେ ମୂଳତଃ ଭାରତବାସୀ ଥିଲେ ଅଥବା ସେମାନେ ବଳପୂର୍ବକ ଏହି ଦେଶରେ ଅନୁପ୍ରବେଶ କରିଥିଲେ, ସେହି ସମସ୍ୟାଟିରେ ମୋ'ର ଖୁବ୍ ବେଶୀ ଆଗ୍ରହ ନାହିଁ । ମୋ'ର ପୂର୍ବପୁରୁଷମାନେ ଯଥାସମ୍ଭବ ଅଧିକ ମୁକ୍ତଭାବରେ ପରସ୍ପରସହିତ ମିଶିମାଶି ଯାଇଥିଲେ ଓ ଆମର ଏହି ବର୍ତ୍ତମାନ ପୁରୁଷଟି ସେହି ସମ୍ମିଳନରୁ ଉଦ୍ଭୂତ ହୋଇଛି, ଏହି ଘଟଣାଟି ବିଷୟରେ ହିଁ ମୋ'ର ଆଗ୍ରହ ।

ଆପଣାର ଜନ୍ମଭୂମି ପାଇଁ ତଥା ଆମକୁ ଜୀବନ ଦେଇ ରଖିଥିବା ଏହି କ୍ଷୁଦ୍ର ଗୋଲାର୍କଟି ପାଇଁ ଆମେ ପ୍ରକୃତରେ କିଛି ଭଲ କାମ କରୁଛୁ ଅଥବା ତାହା ଉପରେ ଏକ ବୋଝ ହୋଇ ରହିଛୁ, କେବଳ ଭବିଷ୍ୟତ ହିଁ ତାହା ଦେଖାଇଦେଇ ପାରିବ ।

ବିଭିନ୍ନ ଧର୍ମର ଅନୁଗାମୀ ମନୁଷ୍ୟମାନେ ବନ୍ଧୁତା ସହିତ ଏକାଠି ବାସ କରୁଥିବାର ପ୍ରକ୍ରିୟାରେ ନାନା ସଂସ୍କୃତିର ଏପରି ଏକ ଚମତ୍କାର ସମ୍ମିଶ୍ରଣ ସମ୍ଭବ କରିଛନ୍ତି ଏବଂ, ଆମେ ହୁଏତ ଏହାକୁ ସ୍ଥାୟୀକରି ରଖିବାକୁ ଏବଂ ଏହାର ଆକାରଟିକୁ ଅଧିକରୁ ଅଧିକ ମଜବୁତକରି ରଖିବାକୁ ଚେଷ୍ଟା କରିବା ଅଥବା ଆମେ ସେହି ଦିନଟିକୁ ଖୋଜି ପାଇବା ନିମନ୍ତେ ପ୍ରୟାସ କରିବା, ଯେତେବେଳେ କି ହିନ୍ଦୁସ୍ତାନରେ କେବଳ ଗୋଟିଏ ଧର୍ମ ବିଦ୍ୟମାନ ରହିଥିଲା ଓ ପୁନର୍ବାର ପଛକୁ ପଛକୁ ପାଦ ପକାଇ ସେହି ସ୍ୱର୍ଣ୍ଣକାତର ସଂସ୍କୃତିର ଅବସ୍ଥାକୁ ଫେରିଯିବା ।

ଏକଥା ମଧ ଅବଶ୍ୟ ସମ୍ଭବ ହୋଇପାରେ ଯେ ଆମେ ଇତିହାସରେ ଏପରି ତାରିଖଟିଏ ଖୋଜି ବାହାର କରିପାରିବା ନାହିଁ ଏବଂ, ଯଦି ବା ପାଇବା ଏବଂ ପଛକୁ ପହୁଣ୍ଡ ଉଠାଇ ଉଠାଇ ଯିବା, ତେବେ ନିଜର ସଂସ୍କୃତିକୁ ଆମେ ପୁଣି ସେହି ଅସୁନ୍ଦର କାଳଟି ମଧରେ ନେଇ ନିକ୍ଷେପ କରିଦେବା ଏବଂ ଅତ୍ୟନ୍ତ ସମୁଚିତଭାବରେ ବିଶ୍ୱଯାକର ଘୃଣାର ପାତ୍ର ହୋଇ ରହିବା ।

# ରୋଗରୁ ମୁକ୍ତି ଦିଏ କାଙ୍କଡ଼

**କାଙ୍କଡ଼** ବର୍ଷାଦିନିଆ ପରିବା । ଇଂରାଜୀରେ କାଙ୍କଡ଼କୁ ସ୍ପାଇନିଗାର୍ଡ କୁହାଯାଏ । ଦୁଇ ପ୍ରକାର କାଙ୍କଡ଼ ରହିଛି ଛୋଟ ଓ ବଡ଼ କାଙ୍କଡ଼ । କାଙ୍କଡ଼ରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ରାନ୍ଧଣା ମାନ ପ୍ରସ୍ତୁତ କରାଗଲେ ମଧ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ।

ସ୍ୱାସ୍ଥ୍ୟ ଉପଯୋଗୀ: କାଙ୍କଡ଼ ସହଜରେ ହଜମ ହୋଇଥାଏ । ଏହାକୁ ଔଷଧ ରୂପରେ ବ୍ୟବହାର କରାଯାଏ । ୧୦୦ ଗ୍ରାମ କାଙ୍କଡ଼ରେ ୧୭ କ୍ୟାଲୋରି ମିଳିଥାଏ । ଏଥିରେ ଫାଇବର, ଖଣିଜ, ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ଭରି ରହିଥାଏ ।

**ଗର୍ଭବତିଙ୍କ ପାଇଁ ଉପଯୋଗୀ:** ଗର୍ଭବତୀଙ୍କ ପାଇଁ କାଙ୍କଡ଼ ଖୁବ୍ ଉପାଦେୟ । ଏଥିରେ ଥିବା ଉତ୍ତମ ସ୍ରୋତ କୋଷିକାର ବିକାଶ ଓ ପ୍ରଜନନ ପାଇଁ ଆବଶ୍ୟକ ହୋଇଥାଏ । ଯଦି ଗର୍ଭବତୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଚାହୁଁଛନ୍ତି ତେବେ ନିୟମିତ ଖାଦ୍ୟରେ ନିଶ୍ଚୟ ଅଳ୍ପ କାଙ୍କଡ଼ ଖାଆନ୍ତୁ । ଏହା ନ୍ୟୁରଲ ଟ୍ୟୁବ୍ ଡିଫେକ୍ଟକୁ କମ୍ କରିଥାଏ ।

**କ୍ୟାନସର ଦୂର କରେ:** କ୍ୟାନସର ଶରୀରରେ ଅତ୍ୟଧିକ ବିଷାକ୍ତ କୋଷିକାକୁ ନାଶ କରିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି । କ୍ୟାନସର ସମ୍ଭାବନାକୁ କମ୍ କରିଥାଏ ।



ଏଥିରେ ବିଟା କ୍ୟାରୋଟିନ୍, ଆଲଫା କ୍ୟାରୋଟିନ୍, ଲ୍ୟୁଟେନ ଓ ଜେଜ୍ୟାନ୍ଥିନସ ଭଳି ଫ୍ଲାବୋନୋଇଡସ୍ ମିଳିଥାଏ । ତ୍ୱଚାକୁ ସୁସ୍ଥ ଓ ଚମକତା ପ୍ରଦାନ କରିଥାଏ । ବିଭିନ୍ନ ପ୍ରକାରର ତ୍ୱଚା ସମ୍ବନ୍ଧୀୟ ରୋଗରୁ ମୁକ୍ତ କରିଥାଏ ।

ଭିଟାମିନ୍ ଏ ଥିବା ଯୋଗୁଁ ଦୃଷ୍ଟିଶକ୍ତି ଲାଗି ଉପକାରୀ । ଏହାକୁ ଖାଇଲେ ଆଖି ସହିତ ଶରୀର ପାଇଁ ଖୁବ୍ ଲାଭକାରୀ ।

କିଛି ସମୟ ପାଇଁ ପାଣିରେ କାଙ୍କଡ଼ ପତ୍ରକୁ ଗରମ କରି ଦିଅନ୍ତୁ । କାଙ୍କଡ଼ ପାଣିରେ ୧ ଟି ସ୍ପୁନ୍ କଞ୍ଚା ମହୁ ମିଶାଇ ପିଅନ୍ତୁ । ଭାଇରାଲ୍ ଜ୍ୱର ଲାଗି ଏହାକୁ ଖାଇ ପାରିବେ ।

ଅର୍ଶ ରୋଗ ଦୂର କରିବା ପାଇଁ ଏହାକୁ ଔଷଧ ରୂପରେ ବ୍ୟବହାର କରିପାରିବେ । କାଙ୍କଡ଼ ପାଉଡର ପ୍ରସ୍ତୁତ କରନ୍ତୁ । ଦିନରେ ଦୁଇ ଥର ୫ ଗ୍ରାମ କାଙ୍କଡ଼ ରସରେ ୫ ଗ୍ରାମ ଚିନି ମିକ୍ସ କରିଖାଆନ୍ତୁ ।

ଋତୁ ପରିବର୍ତ୍ତନ ହେଲେ କାଶ ସମସ୍ୟା ଦେଖାଦିଏ । କାଙ୍କଡ଼ ସିଝା ଓ ଏହାର କାଢ଼ା ପିଇବାରେ କାଶ ଦୂର ହୋଇଥାଏ ।

ଏଥିରେ ଫାଇବର ଅଧିକ ରହିଥାଏ । ଅଧିକ ରହିଥାଏ । ତେବେ ପାଚନକୁ ଠିକ୍ କରିଥାଏ କାଙ୍କଡ଼ । ଏହା କୋଷ୍ଠକାଠିନ୍ୟ ସମସ୍ୟାକୁ ଠିକ୍ କରିଥାଏ ।

# ଗର୍ଭବତୀଙ୍କ ମହୌଷଧି ତୁଳସୀ



**ତୁଳସୀ** ପୂଜା ପାଉଥିଲେ ହେଁ, ଏହା ବହୁ ରୋଗ ଦୂର କରେ । କୁହାଯାଏ କି ଗର୍ଭବତୀଙ୍କ ପାଇଁ ତୁଳସୀ ରାମବାଣ ସଦୃଶ ଗର୍ଭାବସ୍ଥାରେ ଏହାକୁ ନିୟମିତ ସେବନ କରିବା ଫଳରେ ସଂକ୍ରମଣର ଭୟ କମ୍ ରହେ । ତୁଳସୀ ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ବେଶୀ । ଏହା ବ୍ୟତୀତ ରୋଗ ପ୍ରତିରୋଧକ କ୍ଷମତାକୁ ମଧ ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

ଏକ ଅଧ୍ୟୟନରୁ ଜଣାପଡିଛି ଯେ, ତୁଳସୀ ପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଭାଇରାଲ ଓ ଆଣ୍ଟି ଫଙ୍ଗାଲ ଗୁଣ ରହିଛି । ତୁଳସୀ ପତ୍ର ମ୍ୟାଗ୍ନେସିୟମର ଉତ୍ତମ ସ୍ରୋତ । ମା' ପେଟରେ ବଢୁଥିବା ଶିଶୁକୁ ବିକାଶରେ ଏହା ସହାୟକ ହୁଏ । ଏଥିରେ ଗଚ୍ଛିତ ମାଙ୍ଗାଜିନ ମାନସିକ ଚାପ ବା ବିଷାଦ କମ୍ କରିବାରେ ସାହାଯ୍ୟ କରେ ।

ତୁଳସୀ ପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହା ଗର୍ଭରେ ବଢୁଥିବା ଶିଶୁ ଓ ମା ଉଭୟଙ୍କୁ ସଂକ୍ରମଣରୁ ରକ୍ଷା କରିଥାଏ ।

ତୁଳସୀ ପତ୍ରରେ 'ଭିଟାମିନ୍ ଏ' ରହିଛି । ଏହା ଗର୍ଭରେ ବଢୁଥିବା ଶିଶୁର ଶାରୀରିକ ବିକାଶ ପରିବାରେ ସହାୟକ ହୋଇଥାଏ ।

# ଶରୀର ପାଇଁ ପାଣିସିଙ୍ଗଡ଼ା



**ସ୍ୱାସ୍ଥ୍ୟ** ପାଇଁ ହିତକର ଫଳଟିଏ ପାଣିସିଙ୍ଗଡ଼ା । ପୋଷକତତ୍ତ୍ୱରେ ଭରପୂର ଏହି ଫଳଟି ବହୁ ପ୍ରାଚୀନ କାଳରୁ ଔଷଧ ଭାବରେ ବ୍ୟବହାର କରାଯାଇ ଆସୁଛି । ଆୟୁର୍ବେଦରେ ଏହା ମଇଁଷି କ୍ଷୀର ଠାରୁ ବି ଅଧିକ ଗୁଣକାରୀ ବୋଲି ଗ୍ରହଣ କରାଯାଇଛି । ଏନିମିଆ, ବ୍ରୋଙ୍କାଇଟିସ୍, ଲେପ୍ରସି ଆଦି ରୋଗରେ ଏହା ଅଦ୍ଭୁତ ଫଳଦାୟକ ।

ପେଟର ବିଭିନ୍ନ ସମସ୍ୟାରେ ପାଣିସିଙ୍ଗଡ଼ାର ବ୍ୟବହାର କରାଯାଇଥାଏ । ଡାଇରିଆ ଏବଂ ପତଳା ଝାଡ଼ା କ୍ଷେତ୍ରରେ ଏହାକୁ ଖାଇବା ବେଶ୍ ଲାଭଦାୟକ । ସିଙ୍ଗଡ଼ାକୁ କଞ୍ଚା ଖାଇବା କିମ୍ବା ଏହାର ଜୁସ୍ ଭାବେ ପିଇବା ଦ୍ୱାରା ଶରୀରରୁ କ୍ଷତିକାରକ ବିଷାକ୍ତ ତତ୍ତ୍ୱ ବାହାରିଯାଏ । ଏହା ପରିସ୍ରା ସଂକ୍ରମଣ ମଧ ରୋଗ ।

ପ୍ରାକୃତିକ ଭାବେ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ପାଣିସିଙ୍ଗଡ଼ା ତ୍ୱଚା ପାଇଁ ବି ଖୁବ୍ ଭଲ । ଏହାକୁ ଖାଇବା ଦ୍ୱାରା ଅସମୟରେ ଦେଖାଯାଉଥିବା କୁଞ୍ଚନ, ଏକ୍‌ଜିମା ପରି ସମସ୍ୟା ରୋକାଯାଇ ପାରେ । ଏହା ତ୍ୱଚାକୁ କ୍ଷତିକାରକ ଅତିବାଇଗଣୀ ରଶ୍ମିରୁ ବି ରକ୍ଷା କରିଥାଏ ।

ଏଥିରେ ଥିବା ଆୟୋଡିନ ତଥା ମାଙ୍ଗାନିଜ୍ ପରି ମିନେରାଲ୍ ଥାଇରଏଡ୍ ଗ୍ରନ୍ଥିର ସନ୍ତୁଳନ ରକ୍ଷା କରିଥାଏ । ଏହାର ଅଟାକୁ ଲେମ୍ବୁରସ ସହିତ ମିଶାଇ ଏକଜିମା ସ୍ଥାନରେ ଲଗାଇଲେ କିଛିଦିନ ମଧରେ ପ୍ରଭାବ ଲକ୍ଷ୍ୟ କରିପାରିବେ ।

ପାଣିସିଙ୍ଗଡ଼ାର ଚୋପା ବାହାରକରି ଖରାରେ ଶୁଖାଇ ତାକୁ ପାଣି ସହିତ ବାଟି ପେଷ୍ଟ କରିବା ପରେ ଫୁଲିଥିବା ତ୍ୱଚାରେ ଲଗାଇଲେ ଫୁଲା ଦୂର ହୋଇପାରିବ । ଫୁଲା କମାଇବା ସହିତ ଯନ୍ତ୍ରଣା ନିବାରକ ଭାବେ ଏହାର ଚୋପା ବ୍ୟବହାର କରାଯାଇପାରେ । ଗୋଇଠି ଫାଟିଥିଲେ ବି ଏଥିରେ ଭଲ ହୋଇପାରିବ ।

# ଷ୍ଟ୍ରେସ୍ ଦୂର କରେ ଡାର୍କ ଚକୋଲେଟ



**ନିକଟରେ** ବ୍ରିଟିଶ୍ ମଲଟିନ୍ୟାସନାଲ କମ୍ପାନୀ 'ଡିଏଗୋ' ଦ୍ୱାରା ପ୍ରଯୋଜିତ ଜୀବବିଜ୍ଞାନ ୨୦୧୮ର ବାର୍ଷିକ ବୈଠକରେ ପ୍ରସ୍ତୁତ ହୋଇଥିବା ଏକ ଅଧ୍ୟୟନର ନିଷ୍କର୍ଷରୁ ଜଣାପଡିଛି ଯେ, ଖାଦ୍ୟରେ ଡାର୍କ ଚକୋଲେଟ୍‌ର ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷଜ୍ଞଙ୍କ ପାଖରେ ରକ୍ତଚାପ, ଚିନ୍ତା ଏବଂ ଅବସାଦପରି ମାରାତ୍ମକ ମାନସିକ ରୋଗ ଆଶଙ୍କା କମ୍ ରହିଥାଏ । ଡାର୍କ ଚକୋଲେଟରେ ୭୦ ପ୍ରତିଶତ କୋକୋ ରହିବା ସହିତ ୩୦ ପ୍ରତିଶତ ଅର୍ଗାନିକ ଚିନି ଥାଏ । ଯାହା ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ । ଅଧ୍ୟୟନରେ ଏହା ମଧ ପ୍ରକାଶ ପାଇଛି ଯେ, ଚକୋଲେଟରେ କୋକୋର ସାନ୍ଦ୍ରତା ଯେତେ ଅଧିକ ହେବ, ସ୍ମରଣ ଶକ୍ତି ଉପରେ ଏହାର ସେତେ ସକାରାତ୍ମକ ପ୍ରଭାବ ପଡିବ ।

କୋକୋରେ ଥିବା ଫ୍ଲେବୋନାୟଡ଼ ବହୁତ ଶକ୍ତିଶାଳୀ ହୋଇଥାଏ, ଯାହା ଶରୀରରେ ଶକ୍ତି ସଂଚାର କରିବାରେ ସାହାଯ୍ୟ କରିଥାଏ । ନିଷ୍କର୍ଷରୁ ଜଣାପଡିଛି ୭୦ ପ୍ରତିଶତ କୋକୋ ଥିବା ଚକୋଲେଟ୍ ମସ୍ତିଷ୍କ ପାଇଁ ଲାଭକାରୀ ହୋଇଥାଏ । ଯାହା ଶରୀରରେ ନ୍ୟୁରୋପ୍ଲାଷ୍ଟିକଟୀ ମାତ୍ରାକୁ ବଢ଼ାଇଥାଏ । ଯଦିଓ ଡାର୍କ ଚକୋଲେଟ ମସ୍ତିଷ୍କ ପାଇଁ ସର୍ବୋତ୍କୃଷ୍ଟ ଖାଦ୍ୟ ପଦାର୍ଥ । ମାଇଗ୍ରେନ୍ ଏବଂ ମଧୁମେୟ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଏଥିରୁ ନିବୃତ୍ତ ରହିବା ଉଚିତ୍ ।

# ଅଧିକ ଲୁଣ ଖାଉଛନ୍ତି କି ?

**ବିନା** ଲୁଣରେ ଖାଦ୍ୟ ରୁଚିକର ଲାଗେ ନାହିଁ । ଏହା ଖାଦ୍ୟକୁ ସୁସ୍ୱାଦୁ କରିଥାଏ ସତ କିନ୍ତୁ ବେଳେ ବେଳେ ଅତ୍ୟଧିକ ଲୁଣ ଖାଇଲେ ତାହା ଆମ ଶରୀରର କ୍ଷତି ମଧ କରିଥାଏ । ପ୍ରତିଦିନ କେତେ ଲୁଣ ଖାଇବା ଶରୀର ପାଇଁ ଭଲ ତାହା ସଭିଙ୍କୁ ଜାଣିନେବା ଉଚିତ ।

ଲୁଣରେ ସୋଡ଼ିୟମ ଏବଂ କ୍ଲୋରାଇଡ ଥାଏ । ଯାହା ଶରୀର ପାଇଁ ନିତାନ୍ତ ଆବଶ୍ୟକ । କିନ୍ତୁ ଏଥି ପାଇଁ ଠିକ୍ ପରମାଣରେ ଲୁଣ ଖାଇବା ଆବଶ୍ୟକ । ଜଣେ ବୟସ୍କ ବ୍ୟକ୍ତି ପାଖାପାଖି ୫ ଗ୍ରାମ, ୧୮ ବର୍ଷ ବୟସ ଠାରୁ କମ୍ ପିଲା ୪ ଗ୍ରାମ ଏବଂ ଛୋଟ ପିଲା ୧ ଗ୍ରାମ ଲୁଣ ଖାଇବା ଉଚିତ ।

କାରଣ ଅଧିକ ଲୁଣ ହାଡ଼କୁ ଦୁର୍ବଳ କରାଏ । ଏହାଛଡ଼ା କ୍ୟାନସର ଓ ହୃତପିଣ୍ଡ ଜନିତ ସମସ୍ୟା ଉପୁଜି ପାରେ । ଡାକ୍ତରଙ୍କ ପରାମର୍ଶ ସହିତ ରକ୍ତପରୀକ୍ଷା କରି ଲୁଣ ଖାଇବା ଭଲ ।

ଅଧିକ ଲୁଣ ଖାଇବା ଦ୍ୱାରା ଶରୀରରେ କ୍ୟାଲସିୟମର ମାତ୍ରା ବୃଦ୍ଧି ପାଇଥାଏ । ଯାହା ଫଳରେ କିଡନୀରେ ଷ୍ଟୋନ ହେବାର ଭୟ ରହିଥାଏ ।

ଲୁଣରେ ଥିବା ସୋଡ଼ିୟମ ଇନସୁଲିନ୍ ପ୍ରତିରୋଧ ଉପରେ ଖରାପ ପ୍ରଭାବ ପକାଇଥାଏ । ଏହାଦ୍ୱାରା ମଧୁମେହ ରୋଗ ହେବାର ସମ୍ଭାବନା ଅଧିକ ଥାଏ ।



ଶରୀରର ସନ୍ତୁଳନ ବିଗିଡିବାର କାରଣ ହେଉଛି ଲୁଣ । ସେଥିପାଇଁ ପାଣି ଅଧିକ ମାତ୍ରାରେ ପିଅନ୍ତୁ । ଏହାଦ୍ୱାରା ଶରୀର ସୁସ୍ଥ ରହିବ ।

ଲୁଣ ବା ସୋଡିୟମ କ୍ଲୋରାଇଡ ଅଧିକ ମାତ୍ରାରେ ଶରୀରକୁ ଯିବା ଦ୍ୱାରା ଶରୀରର ଧମନିରେ ରକ୍ତ ପ୍ରଭାବ ବଢ଼ିଯାଏ ଏବଂ ଏହାଦ୍ୱାରା ହୃତପିଣ୍ଡ ଉପରେ ଚାପ ପଡ଼ିଥାଏ । ଏହାକୁ ଅଧିକ ମାତ୍ରାରେ ସେବନ କଲେ ରକ୍ତଚାପ ବଢ଼ିବା ଦ୍ୱାରା ହୃଦଘାତ ହେବାର ଆଶଙ୍କା ଅଧିକ ଥାଏ ।

# ମାଇଗ୍ରେନ୍ ସମସ୍ୟାର ଘରୋଇ ଉପଚାର

**ସାଧାରଣତଃ** ନିଦ୍ରାରେ ଅସନ୍ତୁଳନ ମାଇଗ୍ରେନ ସମସ୍ୟା ସୃଷ୍ଟି କରିଥାଏ । କାର୍ଯ୍ୟ ଅନୁସାରେ ବିଶ୍ରାମ ନ ହେଲେ ଭଲ ନିଦ ହୋଇ ନ ଥାଏ, ଯାହା ଫଳରେ ମୁଣ୍ଡ ବିନ୍ଧିଥାଏ । ଏଥିପାଇଁ ଆପଣ ଦିନକୁ ଅତିକମରେ ୭-୮ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ । ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ବ୍ୟାୟାମର ଆବଶ୍ୟକତା ରହିଛି । ନିୟମିତ ବ୍ୟାୟାମ ଦ୍ୱାରା ମାଇଗ୍ରେନ ସମସ୍ୟା କେତେକାଂଶରେ ଦୂର ହୋଇପାରିବ ବୋଲି ସଦ୍ୟତମ ଗବେଷଣାରୁ ଆମେରିକୀୟ ସ୍ୱାସ୍ଥ୍ୟଶଲ୍ୟ ବିଶେଷଜ୍ଞମାନେ ଜାଣି ପାରିଛନ୍ତି । ତେଣୁ ପ୍ରତିଦିନ ଅତିକମରେ ୪୦ ମିନିଟ୍ ବ୍ୟାୟାମ କରନ୍ତୁ । ମାଇଗ୍ରେନରୁ ଉପଶମ ପାଇବା ପାଇଁ ବୈକଳ୍ପିକରେ ଉଷୁମ ସେକ ଦିଅନ୍ତୁ । ଏହା ଦ୍ୱାରା ଏଭଳି ସମସ୍ୟା ସହ ଜଡ଼ିତ ଲୋକଙ୍କୁ ଆରାମ ମିଳିଥାଏ । ଏଥିରୁ ଉପଶମ



ପାଇବାର ଆଉ ଏକ ସହଜ ଉପାୟ ରହିଛି । ତାହା ହେଲା ଖାଦ୍ୟ । ଅଧିକ ତେଲମସଲାଯୁକ୍ତ ଖାଦ୍ୟ ନ ଖାଇବା ଭଲ । ବିଶେଷ ଭାବରେ ରାତ୍ରି ଭୋଜନରେ ହାଲକା ଖାଦ୍ୟ ଖାଆନ୍ତୁ ।

# ସ୍ୱର୍ବେଦ

**ସାର ଶବ୍ଦ କେ ଭଜନ ସେ, ପୂର୍ୱ୍ୱ ଶୁଭାଶୁଭ କର୍ମ ।**
**ଛୁଟେ ଅନ୍ତର ୱ୍ୱାସନା, ଉଜ୍ୱଲ ସନ୍ତନ ଧର୍ମ ॥୨୯॥**

ଭାଷ୍ୟ - ବିହଙ୍ଗମ ଯୋଗର ବିଶୁଦ୍ଧ ସନ୍ଥ ମାର୍ଗରେ ସାରଶବ୍ଦଙ୍କ ଭଜନ କଲେ ଜୀବର ପୂର୍ବସଂଚିତ ସମସ୍ତ ଶୁଭାଶୁଭ କର୍ମ ନଷ୍ଟ ହୋଇଯାଏ ଏବଂ ଅନ୍ତରସ୍ଥ ମୋହ ତିମିରାଦି କ୍ଷୟ ହୋଇଯାଏ ଏବଂ ଆତ୍ମା ପବିତ୍ର ଓ ନିର୍ମଳ ହୋଇ ବିଶୁଦ୍ଧ ଭକ୍ତିର ଆସ୍ୱାଦନ କରିଥାଏ ।

**ସାର ଶବ୍ଦ କୀ ଭଜନ ସେ, ହୋୱ୍ୱେ ନର ସେ ଦେୱ୍ୱ ।**
**ମୀଟେ ପ୍ରାକୃତ ଧର୍ମ ସବ, ମହିମା ସଦ୍‌ଗୁରୁ ସେୱ୍ୱ ॥୩୦॥**

ଭାଷ୍ୟ - ସାରଶବ୍ଦଙ୍କର ଭଜନ ଦ୍ୱାରା ମନୁଷ୍ୟ ଜୀବନ ଦିବ୍ୟ ଶକ୍ତିମାନଙ୍କୁ ଧାରଣ କରି ଦେଦୀପ୍ୟମାନ ହୋଇଯାଏ ଆଉ ଜୀବର ସମସ୍ତ ମାୟିକ ସମ୍ବନ୍ଧ ଛାଡ଼ିଯାଏ । ଏହା ସଦ୍‌ଗୁରୁ ଭକ୍ତିର ମହାନ ମହିମା ଅଟେ ଯାହା ଦ୍ୱାରା ଜୀବାତ୍ମା ପ୍ରାକୃତିକ ବନ୍ଧନରୁ ମୁକ୍ତ ହୋଇ ନିଜ ଭିତରେ ଦିବ୍ୟ ଶକ୍ତିର ସମ୍ପାଦନ କରି ଦେବସଂଜ୍ଞାକୁ ପ୍ରାପ୍ତ କରିଥାଏ । ମନୁଷ୍ୟରୁ ଦେବତା ହେବାର ସାଧନା ମହାପ୍ରଭୁଙ୍କର ଭକ୍ତି ଅଟେ ଆଉ ସଦ୍‌ଗୁରୁଙ୍କର ଅନନ୍ୟ ଶରଣ ସେବା ଅଟେ । ଯୋଗାଭ୍ୟାସ ଦ୍ୱାରା ହିଁ ଆତ୍ମାର ପ୍ରାକୃତିକ ଗୁଣଗୁଡ଼ିକର ହ୍ରାସ ଘଟିଥାଏ ଏବଂ ଚେତନ ଗୁଣଗୁଡ଼ିକର ବୃଦ୍ଧି ହୋଇଥାଏ । ଯୋଗ ଦ୍ୱାରା ହିଁ ଆତ୍ମାର ଶକ୍ତି ଉତ୍ଥାନ ଏବଂ ପ୍ରାକୃତି ଗୁଣଗୁଡ଼ିକର କ୍ରମଶଃ ଅଭାବ ହୋଇଥାଏ, ସେଥିପାଇଁ ସଦ୍‌ଗୁରୁ ଶରଣରେ ରହି ମହାପ୍ରଭୁଙ୍କୁ ଅନନ୍ୟ ଭକ୍ତି କରିବା ଉଚିତ ।

**ପ୍ରାକୃତ ଗୁଣ କେ ଛୁଟତେ, ଦିବ୍ୟ ଭବ୍ୟ ଗୁଣ ଆୟ ।**
**ତବହିଁ ଦେୱ୍ୱ ସଂଜ୍ଞା ଭୟା, ନର ଜୀୱ୍ୱନ ଫଲ ପାୟ ॥୩୧॥**

ଭାଷ୍ୟ - ପ୍ରକୃତିର ସମ୍ବନ୍ଧ ଠାରୁ ଆତ୍ମାର ଶକ୍ତି ନ୍ୟୂନ ରହିଥାଏ । ଯେତେବେଳେ ଯୋଗ ଦ୍ୱାରା ଆତ୍ମା ନିଜ ଶୁଦ୍ଧ ସ୍ୱରୂପରେ ଆସିଯାଏ, ସେତେବେଳେ ବ୍ରହ୍ମ ଶକ୍ତିର ସମ୍ପାଦନରୁ ବିଶେଷ ବଳ ଆଉ ବିଶେହ ପ୍ରକାଶ ପ୍ରାପ୍ତି ହୁଏ ଆଉ ପ୍ରକୃତିର ସ୍ୱରଭାବ, ଯାହା ଆତ୍ମା ସହ ସଂଯୁକ୍ତ ହୋଇଥାଏ, ସେମାନେ କ୍ରମଶଃ ଛାଡ଼ି ଯାଆନ୍ତି ଏବଂ ତ୍ରିଗୁଣମାନଙ୍କର ତିରୋଭାବ ହେବା ଯୋଗୁଁ ଯୋଗୀ ଶୁଦ୍ଧ ଏବଂ ପବିତ୍ର ହୋଇ ନିର୍ମଳ ହୋଇଯାଆନ୍ତି । ଦୈବୀଶକ୍ତିର ଉଦୟ ହେବା ଫଳରେ ଆତ୍ମାର ସମସ୍ତ ଶକ୍ତି ଯାହା ପ୍ରକୃତିରୁ ନ୍ୟୂନ ରହିଥାଏ, ପ୍ରକଟିତ ହୋଇଯାଏ ସେତେବେଳେ ସେହି ଯୋଗୀକୁ ଦେବସଂଜ୍ଞା ପ୍ରାପ୍ତ ହୋଇଥାଏ ଆଉ ସେହି ନର-ଜୀବନର ଉତ୍ତମ ଫଳ ପରମାନନ୍ଦଙ୍କୁ ପ୍ରାପ୍ତି କରିଥାଏ ।

**ପରମ ପୁରୁଷ କେ ଭଜନ ସେ, ଚେତନ କର୍ମ ସ୍ୱଭାୱ୍ୱ ।**
**କର ସମ୍ପାଦନ ଆପ ମେଁ, ୟହ ସଦ୍‌ଗୁରୁ ପରଭାୱ୍ୱ ॥୩୨॥**

ଭାଷ୍ୟ - ପରମ ପୁରୁଷଙ୍କ ବିଶୁଦ୍ଧ ଭକ୍ତିରୁ ଆତ୍ମାର ଚେତନ କର୍ମ, ଗୁଣ ଆଉ ସ୍ୱଭାବ ପ୍ରକଟ ହୋଇଥାଏ । ସେହି ଚେତନ ଶକ୍ତିମାନଙ୍କୁ ସଦ୍‌ଗୁରୁଙ୍କର ଛତ୍ରଛାୟାରେ ନିଜ ଆତ୍ମାରେ ସଂଗ୍ରହ କରିବା ଉଚିତ ।

**ମନ ପ୍ରସନ୍ନ କେ କର୍ମ ମେଁ, ମାୟା ବନ୍ଧନ ଜାନ ।**
**ସନ୍ତ ୱ୍ୱିୱ୍ୱେକୀ ନହିଁ କରେଁ, କରେଁ ଜୋ ମନ ନହିଁ ମାନ ॥୩୩॥**

ଭାଷ୍ୟ - ଚିରାକାଳରୁ ମଣିଷର ମନ ବିଷୟାରସରେ ବୁଡ଼ି ସଂସାରର ମାୟା ରୂପକ ସୁଖ ଭୋଗ କରୁଅଛି । ବାରମ୍ବାର ଜ୍ଞାନ ଆଉ ସତ୍‌ସଙ୍ଗର ଚର୍ଚ୍ଚା ହେଉଥିଲେ ସୁଦ୍ଧା ନିଜ ବିଷୟ-ରାଗକୁ ଛାଡ଼ିପାରୁ ନାହିଁ । ସେଥିପାଇଁ ଆଧ୍ୟାତ୍ମ ବିଦ୍ୟାର ଅଧିକାରୀଗଣଙ୍କୁ ଶିକ୍ଷା ଦିଆଯାଏ ଯେ ସେମାନେ ମନକୁ ପ୍ରସନ୍ନ କଲା ଭଳି ପତନଶୀଳ କର୍ମ କରନ୍ତୁ ନାହିଁ । ମନର ସମସ୍ତ କର୍ମ ଶୁଭାଶୁଭ ବନ୍ଧନର କାରଣ ଅଟନ୍ତି ଏବଂ ମନର ସମସ୍ତ କାର୍ଯ୍ୟ ମାୟା ବନ୍ଧନକୁ ଦୃଢ଼ କରିଥାନ୍ତି । ସେଥିପାଇଁ ଅନୁଭବୀ ବିବେକୀ ସନ୍ଥ ମନ କହୁଥିବା କର୍ମଗୁଡ଼ିକୁ ନ କରି ସେହି କର୍ମମାନ କରିଥାନ୍ତି, ଯାହା ମନକୁ ସ୍ୱୀକାର୍ଯ୍ୟ ନୁହେଁ । ମନ ଆଉ ଆତ୍ମାର ଭେଦକୁ ଜାଣିଥିବା ବିବେକୀ ପୁରୁଷ ମନକୁ ଛାଡ଼ି ନିଜ କେବଳ ଆତ୍ମା ଅନୁକୂଳ କାର୍ଯ୍ୟମାନ ସମ୍ପାଦନ କରି ନିଜ ଜୀବନକୁ ମହାନ୍ ଆଉ ଯଶସ୍ୱୀ କରିଥାନ୍ତି ।

**ସଦ୍‌ଗୁରୁ ୱ୍ୱଚନ ଅପ୍ରିୟ ହୋ, ବଜ୍ର କଠୋରୀ ଘାୱ୍ୱ ।**
**ଅମୃତ ସମ ଉର ମେଁ ଧରୋ, କର ୟହ ଚୂକ ନ ଦାୱ୍ୱ ॥୩୪॥**

ଭାଷ୍ୟ - ସଦ୍‌ଗୁରୁଙ୍କର ବାଣୀ ସର୍ବଦା ସଂସାରର କଲ୍ୟାଣକାରୀ ସାଧିତ ହୋଇଥାଏ । ବଜ୍ର ସମାନ ତାଙ୍କର କଟୂ ବାଣୀକୁ ଅମୃତ ସମାନ ହୃଦୟରେ ଧାରଣ କରିବା ଉଚିତ । ପ୍ରତିବଦଳରେ ଭୂଲରେ ସୁଦ୍ଧା କୌଣସି ପ୍ରକାରର ଦୁର୍ଭାବନା ହେବା ଅନୁଚିତ ।

**ସଦ୍‌ଗୁରୁ ୱ୍ୱିମୁଖ ପ୍ରସନ୍ନତା, ସୋ ମନ ମାୟା ଜାନ ।**
**ଆତମ କୀ ପରସନ୍ନତା, ସଦ୍‌ଗୁରୁ ୱ୍ୱଚନ ପିଛାନ ॥୩୫॥**

ଭାଷ୍ୟ - ସଦ୍‌ଗୁରୁ ନିୟମ, ସିଦ୍ଧାନ୍ତର ବିରୁଦ୍ଧରେ ଯେଉଁ ପ୍ରସନ୍ନତା ଅଛି, ତାହା ମନର ପ୍ରସନ୍ନତା ଅଟେ ଏବଂ ଅଜ୍ଞାନଜାତ କର୍ମ ଅଟେ, ଯାହା ଦ୍ୱାରା ଜୀବନ ମାୟାର ଫାଶରେ ଛନ୍ଦିହୋଇ ପ୍ରକୃତିର ଅଧଃ ପ୍ରବାହରେ ପଡ଼ି ନଷ୍ଟ ହୋଇଯାଏ । ଆତ୍ମାର ପ୍ରସନ୍ନତା ଏବଂ ପବିତ୍ରତା ଆଉ ଆନନ୍ଦ ତା' ଠାରେ ଅଛି, ଯିଏ ସଦ୍‌ଗୁରୁ




ବଚନକୁ ଚିହ୍ନି ତାକୁ ନିର୍ଭ୍ରାନ୍ତ ଜାଣି ସେହି ଅନୁସାରେ ନିଜ ଆଧ୍ୟାତ୍ମିକ ଜୀବନକୁ ଗଢ଼େ ।

**ମନ ପ୍ରସନ୍ନ କୋ ନହିଁ କରେ, କର ସଦ୍‌ଗୁରୁ ପରସନ୍ନ ।**
**ଇସମେଁ ତୱ୍ୱ କଲ୍ୟାଣ ହୈ, ପକଡ଼ ଲଗାୱ୍ୱୋ ମନ ॥୩୬॥**

ଭାଷ୍ୟ - ମନର ବିଷୟାନନ୍ଦ-ରାଗକୁ ପରିତ୍ୟାଗ କରି ଯୋଗ ଯୁକ୍ତିରେ ମନକୁ ବାନ୍ଧି ସଦ୍‌ଗୁରୁ ନିୟମ ତଥା ସିଦ୍ଧାନ୍ତରେ ତାକୁ ପରିଚାଳିତ କରି ସଦ୍‌ଗୁରୁଙ୍କୁ ପ୍ରସନ୍ନ କରିବାରେ ନିଜ ଜୀବନର କଲ୍ୟାଣ ଅଛି । ଜୀବର ପରମ ଶତ୍ରୁ ମନ ଅଟେ । ସୁତରାଂ ମନର ଚଞ୍ଚଳ ଏବଂ ପତନକାରୀ ସ୍ୱଭାବକୁ ପରିତ୍ୟାଗ କରି ସଦ୍‌ଗୁରୁ ନିୟମ ଏବଂ ମର୍ଯ୍ୟାଦାରେ ରହି ନିଜକୁ ସଂଚାଳିତ କଲେ ହିଁ ଜୀବର ସର୍ବାଙ୍ଗୀନ ଉନ୍ନତି ହେବ । ଅତଏବ ମନକୁ ପ୍ରବଳ ବିରୋଧ କରି ଆତ୍ମା ଅନୁକୂଳ କାର୍ଯ୍ୟ କରିବା ଉଚିତ । ମନର କାର୍ଯ୍ୟରୁ ଦୁଃଖ, ପତନ, କଷ୍ଟ, ଲଜ୍ଜା, ବିଦ୍ୱେଷ, ଈର୍ଷ୍ୟା, ଅଭିମାନ, କୁତର୍କଣା ଆଉ ଅନେକ ପ୍ରକାରର ପତନଶୀଳ କାର୍ଯ୍ୟ ହୋଇଥାଏ । ଆତ୍ମାର କାର୍ଯ୍ୟରେ ଯିଏ ସତ୍ୟାନୁକୂଳ ଆଉ ସତ୍ୟାଚରଣ ବିବେକୀ ଅଟେ ତାକୁ ଆନନ୍ଦ, ଉଲ୍ଲାସ, ଉତ୍ସାହ, ପ୍ରେମ, ବିବେକ, ସନ୍ତୋଷ, ଦୟା, ଧୈର୍ଯ୍ୟ, ସମ୍ମାନ, ଶାନ୍ତି ଆଉ ପବିତ୍ରତା ପ୍ରାପ୍ତି ହୋଇଥାଏ । ସେଥିପାଇଁ ବିବେକୀ ପୁରୁଷ ପ୍ରଭୁଙ୍କର ପ୍ରକାଶରେ ନିଶିଦିନ ଆତ୍ମାର ଉନ୍ନତି ନିମନ୍ତେ ହିଁ କାର୍ଯ୍ୟ କରିଥାନ୍ତି ମାତ୍ର ମନ କହୁଥିବା କାର୍ଯ୍ୟଗୁଡ଼ିକୁ କଦାପି କରନ୍ତି ନାହିଁ । ମନର ଗତି ଆଉ ମତିକୁ ପୂର୍ଣ୍ଣ ରୂପରେ ଯୋଗୀ ହିଁ ଜାଣିପାରନ୍ତି । ମନର ରଂଜନ ଆଉ ମନର ଉଲ୍ଲାସର ଭ୍ରମରେ ପଡ଼ିଗଲେ ଦୁର୍ଲଭ ମାନବ ଜୀବନ ନଷ୍ଟ ହୋଇଯାଏ । ସେଥିପାଇଁ ମନ ରୂପୀ ଶତ୍ରୁ ଠାରୁ ବଂଚି ରହି ବିବେକୀ ପୁରୁଷ ନିଜର ଆତ୍ମିକ ସ୍ୱତନ୍ତ୍ର ଜୀବନ ନିର୍ମାଣ କରିଥାନ୍ତି ।

**ଆଗେ କୁଛ ସଂକଳ୍ପ ନହିଁ, କହଁ ଜାଉଁ କ୍ୟା କାମ ।**
**ସହଜାବୃତ୍ତି ୱ୍ୱିରଛ କୀ, ଜହଁ ଦେଖୋଁ ତହଁ ନାମ ॥୩୭॥**

ଭାଷ୍ୟ - ଯେତେବେଳେ ସଦ୍‌ଗୁରୁ ଚରଣରେ ମନକୁ ସମର୍ପି ଦିଆଯାଏ, ସେତେବେଳେ ମନର ସମସ୍ତ ଅଭିମାନ ପ୍ରଭୁଙ୍କ ଦୟାରୁ ନଷ୍ଟ ହୋଇଯାଏ ତଥା ତାହାର ସମସ୍ତ ସଂକଳ୍ପ ଓ ବିକଳ୍ପ କ୍ଷୟ ହୋଇଯାଏ । ସେହି ଅବସ୍ଥାରେ ସେହି ବୀତରାଗୀ ଯୋଗୀ ସଦ୍‌ଗୁରୁଙ୍କ ନିକଟରେ ଆତ୍ମସମର୍ପଣ କରି ନିଜ ଚେତନ ଭୂମିକୁ ସହଜ ରୂପରେ ପ୍ରାପ୍ତ କରିନିଏ । ତା' ଜୀବରେ କୁଆଡ଼େ ଯିବା ଆଉ କ'ଣ କରିବାର ଅଛି, ଏମିତି କିଛି ଭାବନା ନ ଥାଏ । ସେ ଏକମାତ୍ର ନିଜ ଅନ୍ତର୍ମନରେ ଲୟ ଲଗାଇ ସହଜ ସ୍ୱାଭାବିକ ଗତିରେ ପରମାନନ୍ଦଙ୍କ ଅମୃତ ପାନ କରିଥାଏ ଆଉ ଯୁଆଡ଼େ ଆତ୍ମଦୃଷ୍ଟିରେ ଚାହେଁ, ସର୍ବତ୍ର ପରମ ପ୍ରଭୁଙ୍କର ହିଁ ଦର୍ଶନ ପ୍ରାପ୍ତହୁଏ । ବାହାରେ ଏବଂ ଭିତରେ ଚାରିଆଡ଼େ ଏକ ଦିବ୍ୟଜ୍ୟୋତି ଦୃଶ୍ୟମାନ ହୁଏ । ସହଜ ପ୍ରଦେଶରେ ଯେତେବେଳେ ସ୍ୱାଭାବିକ ଆତ୍ମଚେତନା ସ୍ଥିର ହୋଇଯାଏ, ସେ ସମୟରେ ସହଜ ଯୋଗୀ ଚେତନ ଆସନରେ ହିଁ ପ୍ରକୃତିର ସମସ୍ତ ଧର୍ମଗୁଡ଼ିକୁ ନିର୍ବାହ କରନ୍ତି । ସହଜ, ସରଳ ରୂପରେ ରହି ଶରୀରର ରକ୍ଷା କରି, ନିଶିଦିନ ଅନ୍ତସ୍ଥ ବୃତ୍ତିରେ ରହି, ପରମାନନ୍ଦଙ୍କର ଆସ୍ୱାଦନ କରେ । ଏହାର ନାମ ସହଜାବୃତ୍ତି ଅଟେ ।

**ସନ୍ତ ଏକାକୀ ରହତ ହୈଁ, ୱ୍ୱନ ସରେହ ମେଁ ବାସ ।**
**ସାଥ କିସୀ ସେ ନହିଁ କରେଁ, ନହିଁ କୋଇ ରାଖେଁ ପାସ ॥୩୮॥**

ଭାଷ୍ୟ - ଅବଧୂତ ବୃତ୍ତିଧାରୀ ସହଜ ଯୋଗୀ, ଯିଏ ସଦ୍‌ଗୁରୁଙ୍କର ଚରଣରେ ଆତ୍ମ ସମର୍ପଣ କରି ସାରିଛନ୍ତି ସେମାନେ ଆଜ୍ଞାବଶବର୍ତ୍ତୀ ଯୋଗୀ ଅବଧୂତ ଭଳି ଏକାକୀ ବଣ ଏବଂ ଶସ୍ୟକ୍ଷେତ୍ରରେ ରହି ଦିବାନିଶି ମହାପ୍ରଭୁଙ୍କର ଭଜନ କରିଥାନ୍ତି । ସେମାନେ ନା କାହାରି ସାଂଗରେ ରହିଥାନ୍ତି, ନା କାହାକୁ ସାଂଗରେ ରଖିଥାନ୍ତି । ପୂର୍ଣ୍ଣ ପୁରୁଷଙ୍କର ସମ୍ପୂର୍ଣ୍ଣ ଭକ୍ତି ଏକାନ୍ତରେ ହୋଇଥାଏ । ପୂର୍ଣ୍ଣ ତ୍ୟାଗ ଆଉ ବୈରାଗ୍ୟର ଭୂମି ଯେତେବେଳେ ଦୃଢ଼ ହୋଇଯାଏ, ସେତେବେଳେ ଏକାନ୍ତ ବନ, ପର୍ବତର ଗୁାରେ ରହି କୌଣସି ବୀତରାଗୀ ପୁରୁଷ ମହାପ୍ରଭୁଙ୍କର ଭଜନ କରିଥାନ୍ତି । ସଂସାରୀ, ମାୟାବୀ, ପୁରୁଷମାନଙ୍କ ପାଇଁ ଏକାନ୍ତବାସ ବିଷତୁଲ୍ୟ ଅଟେ । ସେମାନେ ଅନ୍ୟର ଶରଣ ଏବଂ ପ୍ରକାଶରେ ରହି ନିଜ ଜୀବନକୁ ସୁଧାର କରି ପ୍ରଭୁଙ୍କର ଭଜନରେ ଲାଗନ୍ତୁ, ଅନ୍ୟଥା ସଂସାରୀ ପରୁଷମାନଙ୍କର ଏକାନ୍ତବାସ ସେମାନଙ୍କର ଘୋର ପତନର କାରଣ ହେବ । ସେଥିପାଇଁ ଯୋଗୀ ହିଁ ଏକାନ୍ତ ବାସ କରି ବ୍ରହ୍ମପ୍ରାପ୍ତିର ଆନନ୍ଦ ଉପଲବ୍ଧି କରିଥାଏ, ସର୍ବସାଧାରଣଙ୍କ ନିମନ୍ତେ ଏକାନ୍ତ ବାସ ଅନୁକୂଳ ଉତ୍ଥାନର ସାଧନ ନୁହେଁ ।

**ଶୀତ ଉଷ୍ଣ ୱ୍ୱରସା ସହେ, ସବକୋ ଏକ ସମାନ ।**
**ଧର୍ମ ତିତିକ୍ଷା ଜାନତେ, ଧୀରଜ ପରମ ସୟାନ ॥୩୯॥**

ଭାଷ୍ୟ - ବିହଙ୍ଗମ ଯୋଗାଭ୍ୟାସରେ ଅନୁଭବରତ ବୀତରାଗୀ ଯୋଗୀ ସଂସାରର ସମସ୍ତ ପ୍ରାଣୀଙ୍କୁ ଏକ ସମାନ ଦେଖି ଶୀତ ଉଷ୍ଣ ଆଉ ବୃଷ୍ଟିକୁ ଏକ ସମାନ ସହ୍ୟକରି ଏବଂ ଦୁଃଖ ସୁଖରେ ସ୍ଥିତପ୍ରଜ୍ଞ ହୋଇ ନିଜ ଅବଧୂତ ବୃତ୍ତିରେ ରହି ପରମ ପ୍ରଭୁଙ୍କର ଭଜନ କରିଥାନ୍ତି । ଏହି ଦୋହାରେ ଅବଧୂତ ବୃତ୍ତିଧାରୀ ସହଜ ଯୋଗୀଙ୍କର ସ୍ୱରୂପ ନିରୂପଣ କରାଯାଇଛି । ସଦ୍‌ଗୁରୁ ଦେବ ଭଗବାନ ଯିଏ ଏହି ଗ୍ରନ୍ଥର ରଚୟିତା ଅଟନ୍ତି ସେ ଯୋଗର ପ୍ରାରମ୍ଭିକ କାଳରେ ଏହି ବୃତ୍ତିରେ ରହି ବହୁତ ଦିନ ପର୍ଯ୍ୟନ୍ତ ଭଜନ ଏବଂ ତପସ୍ୟା କରିଥିଲେ । ଏହି ଭାବର ବର୍ଣ୍ଣନା ଉକ୍ତ ଦୋହାରେ କରାଯାଇଛି ।

**ମାନ ଔର ଅପମାନ ମେଁ, ନିନ୍ଦା ଅସ୍ତୁତି ଦୋୟ ।**
**ସନ୍ତ ସ୍ୱଭାୱ୍ୱିକ ରହତ ହୈଁ, ଛକା ଅମୀରସ ସୋୟ ॥୪୦॥**

ଭାଷ୍ୟ - ଅନୁଭବୀ ସନ୍ଥ ସଂସାରର ମାନ ଅପମାନ ଆଉ ନିନ୍ଦା ସ୍ତୁତି ଉଭୟରେ ଏକ ସମାନ ସହଜ ସ୍ୱାଭାବିକ ବୃତ୍ତିରେ ରହି ଅମୃତ ସୋମରସ ପୂର୍ଣ୍ଣ ପାନ କରି ସମ୍ପୂର୍ଣ୍ଣ ଆନନ୍ଦିତ ରହିଥାନ୍ତି ।

## ଗୋଟିଏ ସ୍ଥାନରେ ବସିଲେ ହୋଇପାରେ ମଧୁମେହ

**ଦୀ**ର୍ଘସମୟ ଧରି ଗୋଟିଏ ସ୍ଥାନରେ ବସି ରହିଲେ ମଧୁମେହ ଆଶଙ୍କା ବଢ଼ିପାରେ । ଯଦି ପଢ଼ିବା, ଡ୍ରାଇଭିଂ, ଫୋନରେ କଥାବାର୍ତ୍ତା, କମ୍ପ୍ୟୁଟରରେ କାମ କରିବା ବେଳେ ସବୁବେଳେ ବସି ରହୁଛନ୍ତି, ତେବେ ଏହା ଆପଣଙ୍କ ପାଇଁ ଘାତକ ହୋଇପାରେ । ଏବେ ଅନଲାଇନ୍ ଅର୍ଡର ମାଧମରେ ସବୁକିଛି ଘର ଦୁଆରେ ପହଞ୍ଚିଯାଉଛି । ଯଦ୍ୱାରା କାମ କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । କେବଳ ଗୋଟିଏ ସ୍ଥାନରେ ବସି ରହି ନିଜ ଦିନ ବିତାଇବାରେ ଲାଗିପଡିଛନ୍ତି । ବିଶେଷକରି ବୟସ୍କ ଏବଂ ଯୁବପିଢ଼ିଙ୍କ ମଧରେ ଏଭଳି ଆଚରଣ ମଧୁମେହର କାରଣ ସାଜିପାରେ । ଗବେଷଣା ଅନୁସାରେ, ବସି ରହି କାମ କରିବା ଅପେକ୍ଷା ଠିଆ ହୋଇ କିଛି କାମ କଲେ ମଧୁମେହ ଆଶଙ୍କା ହ୍ରାସ ପାଇଥାଏ । ଯେକୌଣସି କାମ କରିବା ମଧରେ କିଛି ସମୟ ଚଲାବୁଲା କଲେ କିମ୍ବା କିଛି ସମୟ ଠିଆ ହେଲେ ମଧୁମେହ ଆଶଙ୍କା ହ୍ରାସ ପାଇଥାଏ । କିନ୍ତୁ କର୍ମକ୍ଷେତ୍ରରେ ଦିନକ ଅତିକମରେ ୮-୯ ଘଣ୍ଟା କେବଳ ଗୋଟିଏ ଚେୟାରରେ ବସି କାମ କରିବାକୁ ପଡିଥାଏ । ଏହା ବ୍ୟକ୍ତି ପାଇଁ ଅଧିକ ଘାତକ । କାମ ଭିତରେ କିଛି ସମୟ ହାଲ୍‌କା ହେବାକୁ ସମୟ ଦିଅନ୍ତୁ । ନଚେତ ଧୀରେ ଧୀରେ ମୋଟାପଣ ବୃଦ୍ଧି ପାଇବା ସହ ମଧୁମେହ ଗ୍ରାସ କରିପାରେ ।

## ଓଉର ଉପକାରିତା

ଗାଁ ଗହଳରେ ଅଧିକ ଓଉ ଗଛ ଦେଖା ଯାଇଥାଏ । ଓଉ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ହୁଏତ ବହୁତ ଲୋକ ଏ ବିଷୟରେ ଜାଣି ନ ଥିବେ ।

ଲୋ ବ୍ଲଡପ୍ରେସର ରୋଗୀଙ୍କର ରକ୍ତଚାପ କମ୍ କରିବା ପାଇଁ ନିୟମିତ ଭାବେ ଓଉ ଖାଇବା ଉଚିତ୍ । କାହିଁକି ନା ଏଥିରେ ଥିବା ଭିଟାମିନ୍ ରକ୍ତଚାପକୁ କମ୍ କରିଥାଏ ।

ଓଉ ଆଖି ପାଇଁ ଖୁବ୍ ଉପକାରୀ । ଏଥିରେ ଭିଟାମିନ୍ ଏ ଅଛି । ଚକ୍ଷୁ ବିଶେଷଜ୍ଞଙ୍କ କହିବା ଅନୁସାରେ ଦୃଷ୍ଟିଶକ୍ତିକୁ ପ୍ରଖର କରିବା ପାଇଁ ଓଉ ଖାଇବା ଉଚିତ୍ ।

ଓଉରେ ପ୍ରଚୁର ପରିମାଣରେ ଭିଟାମିନ୍ ସି' ରହିଛି । ଏହା ଇମ୍ୟୁନ୍ ସିଷ୍ଟମକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିଥାଏ । ସର୍ଦ୍ଦି ଜନିତ ଆଲର୍ଜି ତଥା ଅନ୍ୟ ଯେ କୌଣସି



ସଂକ୍ରମଣରୁ ରକ୍ଷା କରିବାରେ ଓଉର କ୍ଷମତା ଅଛି ।

ଭିଟାମିନ୍ ବି' ହେତୁ ବୟସ ବୃଦ୍ଧିକୁ ରୋକିବା ସହିତ ବୁଢ଼ାପା ଆସିବାକୁ ଦିଏ ନାହିଁ ଓଉ । ଏଥି ସହିତ ପ୍ରଚୁର ପ୍ରୋଟିନ୍ ଥିବା ହେତୁ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ ।

ଓଉରେ ଭିଟାମିନ୍ ବି'ର ମାତ୍ରା ଅଧିକ ଥାଏ, ଏଣୁ ଏହାକୁ ନିୟମିତ ଖାଇବା ଫଳରେ ଶରୀର ଦୁର୍ବଳ ଓ କମଜୋରକ ଦୂର କରିବା ସହିତ କାମ କରିବାକୁ ଶକ୍ତି ଯୋଗାଏ । କେବଳ କାମ କରିବାକୁ ଶକ୍ତି ଯୋଗାଏ ତାହା ନୁହେଁ ମସ୍ତିଷ୍କ ଓ ତାନ୍ତ୍ରିକ କୋଷିକାକୁ ଉତ୍କୃଷ୍ଟ ରଖିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

ପ୍ରଚୁର ମାତ୍ରାରେ ଆଇରନ୍ ଅଛି ଓଉରେ । ତେଣୁ ରକ୍ତହୀନତା ରୋଗକୁ ଦୂର କରେ । ଆମୋନିଆରେ ପୀଡିତ ପିଲାଙ୍କୁ ନିୟମିତ ଭାବରେ ଓଉ ଖାଇବାକୁ ଦେଲେ ଖୁବ୍ କମଦିନରେ ଏହି ରୋଗରୁ ମୁକ୍ତି ମିଳିଥାଏ ।

ଓଉ କିଡନୀ ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ । ଏଥିରେ ଗଚ୍ଛିତ ଥିବା କାର୍ବନିକ୍ ଉତ୍ପାଦ କିଡନୀକୁ ସୁରକ୍ଷିତ ରଖିଥାଏ । ଏଥି ସହିତ ପୁରୁଷଙ୍କ ନଂପୁନସକ ସମସ୍ୟାକୁ ଦୂର କରିଥାଏ । ଏହା ଯକୃତ ଓ ହୃଦୟକୁ ସୁସ୍ଥ ରଖେ ।

ପେଟ ସମସ୍ୟାକୁ ଦୂର କରେ ଓଉ । ଟେନିନ୍ ଯୁକ୍ତ ପଦାର୍ଥ ପେଟ ଯନ୍ତ୍ରଣା ପାଇଁ ଖୁବ୍ ଫଳପ୍ରଦ ।

## ଅଙ୍ଗୁର ଜୁସ୍ ସହ ଔଷଧ ସେବନ ହାନିକାରକ

ଅଧିକାଂଶ ଲୋକ ଔଷଧ ସେବନ ପାଇଁ ପାଣି ବଦଳରେ ଜୁସର ବ୍ୟବହାର କରିଥାନ୍ତି । ଏଭଳି କରୁଥିବା ଲୋକେ ସାବଧାନ ରହିବା ଜରୁରୀ । କାରଣ ଏହାଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବନ ବିପଦକ ଆମନ୍ତ୍ରଣ କରାଯାଇଥାଏ ।



ବିଶେଷଜ୍ଞଙ୍କ ଅନୁସାରେ, ଜୁସ୍ ସହ ଔଷଧ ସେବନ କିଛି ଭୁଲ୍ ନୁହେଁ, କିନ୍ତୁ ସବୁ ଜୁସର ବ୍ୟବହାର ଔଷଧ ସେବନ ବେଳେ କରାଯିବା ଉଚିତ୍ ନୁହେଁ । ଯେମିତିକି ଅଙ୍ଗୁର ଜୁସ୍ । ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ । ବିଶେଷଜ୍ଞଙ୍କ ଅନୁସାରେ, ଅଙ୍ଗୁର ଜୁସ୍ ସହ ଔଷଧ ସେବନ ଦ୍ୱାରା ଆଲର୍ଜି ସୃଷ୍ଟି ହେବାର ସମ୍ଭାବନା ଥାଏ । ଅଙ୍ଗୁର ରସ ରକ୍ତଧାରାରେ ଯାଉଥିବା ଔଷଧର ମାତ୍ରାକୁ କମ୍ କରି ଦେଇଥାଏ । ଏହାଦ୍ୱାରା ରକ୍ତଚାପ କିମ୍ବା ହୃଦରୋଗ ଜନିତ ସମସ୍ୟା ବଢ଼ିଥାଏ । ତେଣୁ ରୋଗୀଙ୍କୁ ଅଙ୍ଗୁର ଜୁସ୍ ସହ ଔଷଧ ସେବନଠୁ ଦୂରେଇ ରହିବା ଉଚିତ ।

ଏକ ଗବେଷଣାରୁ ଜଣାପଡିଛି ଯେଉ ଏବଂ ଅଙ୍ଗୁର ରସ କ୍ୟାନସର ଔଷଧ ସାଙ୍ଗକୁ ଆଣ୍ଟିବାୟୋଟିକ୍ସର ପ୍ରଭାବକୁ କମ୍ କରି ଦେଇଥାଏ । ଗବେଷଣାରେ ଅଙ୍ଗୁର ରସ ସହ ଔଷଧ ସେବନ କରାଯାଇ ଦେଖାଯାଇଥିଲା ଯେ, କେବଳ ଔଷଧ ଅଧା ପ୍ରଭାବ ଶରୀରକୁ ପହଞ୍ଚିପାରୁଛି । ଯଦ୍ୱାରା ରୋଗ ଭଲ ହେବା ସ୍ଥାନରେ ଦୀର୍ଘଦିନ ଧରି ଶରୀରର ଘର କରିନିଏ । ଏହାଦ୍ୱାରା ଜୀବନ ବିପଦକୁ ଚାଲିଯାଏ । ତେଣୁ ଯଥା ସମ୍ଭବ ଔଷଧକୁ ପାଣି ସହ ସେବନ କରିବା ଠିକ୍ ରହିବ । ଏହା ସବୁଠୁ ସୁରକ୍ଷିତ ଉପାୟ । ତେବେ ମନେରଖିବାକୁ ପଡିବ ଥଣ୍ଡା ପାଣି ସହ ଔଷଧ ସେବନ ଅନୁଚିତ । ଏଥିପାଇଁ ନଖ ଉଷୁମ ପାଣି ଉଚିତ୍ ରହିବ ।

## ମକା ଖାଇ ପାଣି ପିଉଥିଲେ ସାବଧାନ !

ମକା ଖାଇବାକୁ ଅଧିକାଂଶ ଲୋକ ପସନ୍ଦ କରନ୍ତି । ମନସୁନରେ ଲୋକେ ବଡ଼ ସଉକରେ ଏହାର ସେବନ କରିଥାନ୍ତି । ବର୍ଷା ପାଗକୁ ଗରମ ଗରମ ମକାରେ ଲେମ୍ବୁ ପକାଇ ଖାଇବାର ମଜା ଥାଏ ଅଲଗା । ଏହାକୁ ଖାଇବା ପରେ ପ୍ରଚୁର ଶୋଷ ହୋଇଥାଏ । କିଛି ନ ଜାଣି ନଶୁଣି ଲୋକମାନେ ସଙ୍ଗେ ସଙ୍ଗେ ପାଣି ପିଇଥାନ୍ତି ।



କିନ୍ତୁ ଜାଣନ୍ତି, ଏହି ଅଭ୍ୟାସ ଶରୀର ପାଇଁ ହାନି କାରକ ସାବ୍ୟସ୍ତ ହୋଇପାରେ । ବିଶେଷଜ୍ଞଙ୍କ ଅନୁସାରେ, ମକା ଖାଇବା ପରେ ପାଣି ପିଇଲେ ପେଟ ଫୁଲିବା ସମସ୍ୟା ଦେଖା ଦେଇଥାଏ । ତା' ସହ ପାଚନତନ୍ତ୍ର ଦୁର୍ବଳ ହୋଇଥାଏ । ମକା ଦାନାରେ ଷ୍ଟାର୍ଚ୍ଚ ଭରପୂର ଥାଏ । ଯେତେବେଳେ ଏହା ସହ ପାଣି ମିଶିଥାଏ, ପେଟରେ ଗ୍ୟାସ୍ ସୃଷ୍ଟି ହୁଏ । ଏହାଦ୍ୱାରା ପେଟ ଯନ୍ତ୍ରଣା, ଏସିଡିଟି ଏବଂ ଅନେକ ଗମ୍ଭୀର ସମସ୍ୟା ଦେଖା ଦେଇଥାଏ । ଯଦି ଶୋଷ ଲାଗୁଥାଏ, ତେବେ ମକା ଖାଇବାର ଅତିକମ୍‌ରେ ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍ । ଏହାଦ୍ୱାରା ଶରୀରରେ କୌଣସି ପ୍ରକାରର ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୋଇ ନ ଥାଏ ।

## ଆପଣ ଜାଣନ୍ତି କି ?

- ବିଶ୍ୱର ଏକ ଦଶମାଂଶ ହୃଦ୍‌ରୋଗ ଧୂମପାନ ଯୋଗୁଁ ହୋଇଥାଏ ।
- ବିଶ୍ୱରେ ତମାଖୁ ଯୋଗୁଁ ପ୍ରତି ବର୍ଷ ୬୦ କୋଟି ଲୋକଙ୍କର ମୃତ୍ୟୁ ହେଉଛି ।
- ପୁରୁଷ ଧୂମପାନକାରୀଙ୍କ ତୁଳନାରେ ମହିଳା ଧୂମପାନକାରୀଙ୍କ ଠାରେ ହୃଦରୋଗ ହେବାର ଆଶଙ୍କା ୨୫% ଅଧିକ ।
- ତମାଖୁ ଚୋବାଇ ଖାଇଲେ ହୃଦଘାତର ସମ୍ଭାବନା ବଢ଼ିଯାଏ । ଅନ୍ୟ କେହି ଧୂମପାନ କରୁଥିବା ବେଳେ ପାଖରେ ଥିବା ଲୋକମାନଙ୍କ ନାକ ମଧ ଦେଇ ତାହା ପ୍ରବେଶ କରେ । ଯାହାକୁ ପରୋକ୍ଷ ଧୂମପାନ କୁହାଯାଉଛି । ପରୋକ୍ଷ ଧୂମପାନରେ ମଧ ହୃଦଘାତର ଆଶଂକା ରହିଛି । ତେବେ ବିପଦର ମାତ୍ରାକୁ ଆଜି ପର୍ଯ୍ୟନ୍ତ ଆକଳନ କରାଯାଇପାରି ନାହିଁ ।
- ପରୋକ୍ଷ ଧୂମପାନ ଦ୍ୱାରା ହୃଦଘାତ ହେବାର ସମ୍ଭାବନା ୨୫-୩୦ ପ୍ରତିଶତ ଦେଖା ଦେଇଥାଏ । ପ୍ରତିବର୍ଷ ପରୋକ୍ଷ ଧୂମପାନ ଯୋଗୁଁ ୬ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି । ସେମାନଙ୍କ ମଧରେ ୮୦% ଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥାଏ ।
- ଘରେ ଓ ଅଫିସରେ ଧୂମପାନ କରିବା ଦ୍ୱାରା ହୃଦ୍‌ଘାତରେ ମାତ୍ର ଦୁଇ ଗୁଣ ବଢ଼ିଯାଏ ।
- ଧୂମପାନ ଛାଡିବାର ୨୦ ମିନିଟ୍ ଭିତରେ ରକ୍ତଚାପ ଓ ନାଡି ଚାଳନା ସାଧାରଣ ହୋଇଯାଏ ।
- ଆଠ ଘଣ୍ଟା ମଧରେ ରକ୍ତ ଅମ୍ଳଜାନର ମାତ୍ରା ବଢ଼ିଯାଏ ।
- ୨୭ ଘଣ୍ଟା ଭିତରେ ନିଶ୍ୱାସ ପ୍ରଶ୍ୱାସ ନେବା ସହଜ ହୁଏ ।

## କହିପାରିବେ କି ?

(୧) ଇସ୍ରୋର ମୁଖ୍ୟାଳୟ କେଉଁଠାରେ ଅଛି ?
(୨) ପଙ୍କଜ୍ ଆଡଭାନୀଙ୍କର କେଉଁ ଖେଳ ସହିତ ସମ୍ପର୍କ ରହିଛି ?
(୩) ଅନ୍ତରାଷ୍ଟ୍ରୀୟ ନୃତ୍ୟ ଦିବସ କେବେ ପାଳନ କରାଯାଏ ?
(୪) କେଉଁ ମଶା କାମୁଡ଼ିଲେ ଡେଙ୍ଗୁ ହୋଇଥାଏ ?
(୫) ବିନ୍ଧ୍ୟାଚଳ- ସାତପୁରା ମଧରେ ଥିବା ନଦୀର ନାମ କ'ଣ ?
(୬) 'ଇନ୍‌ଭେଷ୍ଟର ପ୍ରୋଟେକ୍ସନ୍ ଫଣ୍ଡ' କେଉଁ ସଂସ୍ଥା ଦ୍ୱାରା ସ୍ଥାପନା କରାଯାଇଛି ?
(୭) ରାମାୟଣରେ ଲଙ୍କା ନଗରୀ କେଉଁ ପର୍ବତ ଉପରେ ଥିବାର କୁହାଯାଇଛି ?
(୮) 'ଇଣ୍ଡିଆ ଡିଭାଇଡେଡ୍' ପୁସ୍ତକର ଲେଖକ କିଏ ?
(୯) ଭାରତର ସବୁଠାରୁ ଉଚ୍ଚ ମିନାରର ନାମ କ'ଣ ?
(୧୦) ଦ୍ୱିପାକ୍ଷିକ ନୌସୈନିକ ଅଭ୍ୟାସ 'ବରୁଣ' କେଉଁ ଦୁଇଟି ଦେଶ ମଧରେ ହୋଇଥାଏ ?

### JUMBLE WORDS

| | | | |
|---|---|---|---|
| 1) NIUMEM | = | 6) KHIRE | = |
| 2) ESEGE | = | 7) SAVIT | = |
| 3) KIHAK | = | 8) CYONTO | = |
| 4) PAYNPS | = | 9) METREP | = |
| 5) MCTEEN | = | 10) DROOE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୪୮ ଘଣ୍ଟା ଭିତରେ, ୨.ଭିଟାମିନ୍ -ଏ, ୩. ମହାରାଷ୍ଟ୍ର, ୪.ବାଂଲାଦେଶ, ୫.ଷ୍ଟିଭ୍ ସ୍ମିଥ୍, ୬. ୨୭ ମାର୍ଚ୍ଚ, ୭. ହିମାଚଳ ପ୍ରଦେଶ, ୮.ଶାକ୍ୟ, ୯.କର୍ଣ୍ଣାଟକ-ତାମିଲନାଡୁ, ୧୦.ୱିଲ୍ ସ୍ମିଥ୍ ।

***Jumble Words* ର ଉତ୍ତର :-**

(1) TULIP (2) ABATE (3) COUPON (4) DISOWN (5) TRACK
(6) UNLOAD (7) INDIGO (8) COMIC (9) KOALA (10) RADISH

# ସ୍ୱୟଂର ଅର୍ପଣ ହିଁ ସମ୍ପୂର୍ଣ୍ଣ ସମର୍ପଣ

ସରିତମାନେ ନିଜ ପଥରେ ଅବିରାମ ପ୍ରବାହିତ ହୋଇଥାନ୍ତି, ପଳାୟନ କରିଥାନ୍ତି, ଦୌଡ଼ିଥାନ୍ତି । ସେମାନଙ୍କ ପଥରେ ଅସଂଖ୍ୟ ବାଧାବିଘ୍ନ, ଅସୁବିଧା, କଠିନତା ଆସେ, ବନ ପର୍ବତ, ବଡ଼ ବଡ଼ ଚଟାଣ ଏବଂ ପ୍ରାଚୀର ଆସେ, କିନ୍ତୁ ସେମାନେ ସବୁକୁ ଲଂଘନ କରି, ଡେଇଁ, ଉଦ୍‌ବେଳିତ ହୋଇ ନିଜର ରାସ୍ତା ତିଆରି କରି ଚାଲନ୍ତି ଏବଂ ନିଜ ଲକ୍ଷ୍ୟ ଦିଗରେ ଅଧିକ ତୀବ୍ରତା ଓ ସଂକଳ୍ପର ସହିତ ଆଗକୁ ବଢ଼ିଯାନ୍ତି ।

ଶେଷରେ ସେମାନେ ସାଗରରେ ବିଲୀନ ହୋଇ ସ୍ୱୟଂ ସାଗର ହୋଇଯାନ୍ତି, ମହାସାଗର ହୋଇଯାନ୍ତି । ସେତେବେଳେ ସରିତରୁ ସାଗର, ମହାସାଗର ହେବାର ଯେଉଁ ଆନନ୍ଦ ମିଳିଥାଏ, ସ୍ୱୟଂର ଯେଉଁ ବିସ୍ତାର ହୋଇଥାଏ, ତାହାକୁ କେବଳ ସେମାନେ ହିଁ ଅନୁଭବ କରି ପାରନ୍ତି, ଅନ୍ୟ କେହି ନୁହେଁ ।

ସେହିପରି ଯେଉଁ ସାଧକମାନେ ସାଧନା ପଥରେ ଅବିରାମ ବଢ଼ିଯାନ୍ତି; ଯେଉଁମାନେ ସାଧନା ପଥରେ ମିଳୁଥିବା କଷ୍ଟ, କଠିନତା, ବାଧାଗୁଡ଼ିକରେ ଘାବରେଇ ନ ଯାଇ ସେଗୁଡ଼ିକର ସାମନା କରି ଚାଲନ୍ତି । ଯେଉଁମାନେ ନିଜର କାମନା, ବାସନା, ଇଚ୍ଛାଗୁଡ଼ିକୁ ଏଡ଼ାଇ ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସର ସହିତ ଭଗବାନଙ୍କ ପଥରେ ଆଗକୁ ବଢ଼ିଯାନ୍ତି- ସେମାନଙ୍କୁ ଶେଷରେ ସେମାନଙ୍କର ଲକ୍ଷ୍ୟ ମିଳିଥାଏ । ସେମାନଙ୍କୁ ଭଗବଦ ସ୍ପର୍ଶ, ଭଗବଦ୍ କୃପା କେବଳ ମିଳେ ନାହିଁ, ବରଂ ସେମାନେ ସ୍ୱୟଂ ଭଗବତ୍‌ମୟ ହୋଇଯାନ୍ତି, ସେମାନେ ସ୍ୱୟଂ ବ୍ରହ୍ମମୟ ହୋଇଯାନ୍ତି ।

ସତ୍-ଚିତ୍-ଆନନ୍ଦ ସ୍ୱରୂପ ପ୍ରଭୁଙ୍କ ସହିତ ମିଶିଯାଇ ସେମାନେ ମଧ ସତ୍-ଚିତ-ଆନନ୍ଦ ସ୍ୱରୂପ ହୋଇଯାନ୍ତି । ସେମାନେ ମଧ ବିନ୍ଦୁରୁ ସିନ୍ଧୁ ହୋଇଯାନ୍ତି । ସେମାନେ ମଧ ଜୀବାତ୍ମାରୁ ପରମାତ୍ମା ହୋଇଯାନ୍ତି । ସେମାନେ ମଧ ନରରୁ ନାରାୟଣ ଓ ମାନବରୁ ମାଧବ ହୋଇଯାନ୍ତି । ବିନ୍ଦୁରୁ ସିନ୍ଧୁ ହେବାର ଆନନ୍ଦ ହିଁ ପରମାନନ୍ଦ, ବ୍ରହ୍ମାନନ୍ଦ ଅଟେ । ଏହି ଆନନ୍ଦ ସମକ୍ଷରେ ଦୁନିଆର ସମସ୍ତ ସୁଖ, ସମସ୍ତ ଆନନ୍ଦ ବହୁତ ତୁଚ୍ଛ ଓ ଫିକା ଜଣାପଡ଼େ ।

ଏହି ପରମ ସୁଖ, ପରମ ଆନନ୍ଦକୁ କେବଳ ସଚ୍ଚା ସାଧକ ହିଁ ଅନୁଭବ କରିପାରେ, ଅନ୍ୟ କେହି ନୁହେଁ । ଏହି ଅଧ୍ୟାତ୍ମ ପଥରେ, ସାଧନା ପଥରେ ଚାଲୁଥିବା ଲୋକଙ୍କ ମଧରେ ବହୁତ ଅଳ୍ପ ଏପରି ହୋଇଥାନ୍ତି, ଯେଉଁମାନେ ଏହି ଅବସ୍ଥାକୁ ପ୍ରାପ୍ତ ହୋଇ ପାରନ୍ତି । ଭାବାବେଶରେ ଆସି ଏହି ପଥରେ ଅସଂଖ୍ୟ ଲୋକ ତ ଚାଲିବା ଆରମ୍ଭ କରନ୍ତି, କିନ୍ତୁ ରାସ୍ତାରେ ମିଳୁଥିବା କଠିନତାଗୁଡ଼ିକୁ ବହୁତ କମ୍ ଲୋକ ସାମନା କରି ପାରନ୍ତି ।

ସେପରି ଲୋକେ ହୁଏତ ସାଧନା ମାର୍ଗରୁ ବିଚଳିତ ହୋଇ ଏହି ପଥ ପରିତ୍ୟାଗ କରିଦିଅନ୍ତି ବା ସାଧନାକୁ, ଅଧ୍ୟାତ୍ମକୁ ହିଁ ମିଥ୍ୟା କହି ବୁଲନ୍ତି । ସେପରି ଲୋକେ ସାଧନା ପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଟିକି ପାରନ୍ତି ନାହିଁ । କାହିଁକି ? କାରଣ ସେମାନଙ୍କ ଶ୍ରଦ୍ଧାର ମୂଳ ଗଭୀରତା ପର୍ଯ୍ୟନ୍ତ ଯାଇ ନ ଥାଏ । ସେମାନଙ୍କ ଭଗବଦ୍ ବିଶ୍ୱାସର ମୂଳ ସେତେ ଗଭୀରତା ପର୍ଯ୍ୟନ୍ତ ଯାଇ ନ ଥାଏ ।

ଫଳସ୍ୱରୂପ କାମନା, ବାସନା, ଲୋଭ, ପ୍ରଲୋଭନର କୌଣସି ପ୍ରବାହ ସେମାନଙ୍କ ଭିତରେ ଉତ୍ପନ୍ନ ହେବା ମାତ୍ରେ, ସେହିକ୍ଷଣି, ସେହି ମୁହୂର୍ତ୍ତରେ ସେମାନଙ୍କ ଭାବନାର ମୂଳ ଦୋହଲିଯାଏ । ସେମାନଙ୍କ ଶ୍ରଦ୍ଧାର, ବିଶ୍ୱାସର ମୂଳ ସେହି ପ୍ରବାହରେ ପର ମୁହୂର୍ତ୍ତରେ ଉପୁଡ଼ିଯାଏ । ଏଭଳି ଲୋକଙ୍କ ସକାଶେ ସାଧନା କ୍ରୀଡ଼ା-କୌତୁକ ଠାରୁ ଅଧିକ କିଛି ହୋଇ ନ ଥାଏ । ଏଣୁ ଏପରି ଲୋକେ ହିଁ ସାଧନାରେ ଅସଫଳ ହୋଇ ହତାଶ-ନିରାଶ ହୋଇଥାନ୍ତି । କିନ୍ତୁ ଯେଉଁମାନଙ୍କ ଶ୍ରଦ୍ଧାର ମୂଳ, ବିଶ୍ୱାସର ମୂଳ ଗଭୀରରୁ ଗଭୀରତର, ସେମାନଙ୍କ ସାଧନାକୁ କାମନା, ବାସନା, ଇଚ୍ଛାଗୁଡ଼ିକର ପ୍ରବଳରୁ ପ୍ରବଳ ବେଗ ମଧ ବୁହାଇ ନେଇପାରେ ନାହିଁ । ଏଭଳି ଯୋଦ୍ଧାମାନଙ୍କୁ ହିଁ ସାଧନା ପଥରେ ବିଜୟଶ୍ରୀ ହସ୍ତଗତ ହୋଇଥାଏ । ସାଧନା ପଥରେ ଚାଲି ପ୍ରାୟ ଆମେ ନିଜର ମାନ୍ୟତା, ମନକାମନା ଓ ଇଚ୍ଛାଗୁଡ଼ିକୁ ନିଜ ମୁଣ୍ଡରେ ବୋହି ଚାଲିଥାଉ ଏବଂ ସେଥିପାଇଁ ଆମେ ସାଧନାରେ ଅସଫଳ ହୋଇ ହତାଶ ଓ ନିରାଶ ହୋଇଥାଉ । ନିଜ ମୁଣ୍ଡ ଉପରେ ରଖାଯାଇଥିବା ନିଜର ମାନ୍ୟତା, ମନକାମନା ଓ ଇଚ୍ଛାଗୁଡ଼ିକରେ ପୂର୍ବ ଭାରୀ ଟୋକେଇକୁ ଓହ୍ଲାଇ ଫିଙ୍ଗିଦେବା ଏବଂ ସ୍ୱୟଂକୁ ସମ୍ପୂର୍ଣ୍ଣ ରୂପେ ସଚ୍ଚିଦାନନ୍ଦଘନ ଭଗବାନଙ୍କ ହାତରେ ଅର୍ପଣ କରିଦେବା, ସ୍ୱୟଂକୁ ପୂର୍ଣ୍ଣତଃ ତାଙ୍କୁ ସମର୍ପି ଦେବାର ଆବଶ୍ୟକତା ରହିଛି ।

ଏପରି ସମର୍ପଣ ସାଧକ ସେତେବେଳେ କରିପାରେ, ଯେତେବେଳେ ତା' ଆତ୍ମାରୁ ଏହି ସ୍ୱର ଉଠିଥାଏ ଯେ ବାସ୍, ଏବେ କାମ, କ୍ରୋଧ, ମୋହ, ଲୋଭରେ ଭରା ଜୀବନ ବହୁତ ହୋଇଗଲା, ଅଜ୍ଞାନମୟ ଓ ଅନ୍ଧକାରମୟ ଜୀବନ ଏବେ ଆଉ ମୁଁ ସହ୍ୟ କରିପାରୁ ନାହିଁ ଏବଂ ଏହା ମୋତେ ଆନନ୍ଦ ଦେଉ ନାହିଁ, ଏବେ ତ ମୋର ଜୀବନରେ ଭଗବାନଙ୍କ ଚୈତନ୍ୟର ଅବତରଣ ହେବା ଉଚିତ, ଏବେ ତ ଏଇ ଜୀବନକୁ ପୂର୍ଣ୍ଣତଃ ଆନନ୍ଦଘନ ଭଗବାନଙ୍କୁ ସମର୍ପି ଦେବା ଦରକାର ।

ଆମେ ଭଲ-ମନ୍ଦ ଯାହା ହୋଇଥିଲେ ବି ଭଗବାନଙ୍କର ଏବଂ ଭଗବାନ ଆମର । ଏଣୁ ଆମେ ଏବେ ସ୍ୱୟଂକୁ ଭଗବାନଙ୍କୁ ସମର୍ପି ଦେବାକୁ ହେବ । ଆମେ ସ୍ୱୟଂକୁ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କୁ ସମର୍ପି ଦେବା । ଏବେ ମୋର କୌଣସି ଇଚ୍ଛା ନାହିଁ, ମୋର କୌଣସି ଯାଚନା ନାହିଁ, ଯାହା ଭଗବାନଙ୍କ ଇଚ୍ଛା, ତାହା ମୋର ଇଚ୍ଛା । ଯାହା ଭଗବାନ ଚାହାନ୍ତି, ତାହା ମୁଁ ବି ଚାହିଁବି । ବର୍ତ୍ତମାନ ନିଜର କୌଣସି ଇଚ୍ଛା ନାହିଁ । ଏହା ଆତ୍ମସମର୍ପଣର, ପୂର୍ଣ୍ଣ ସମର୍ପଣର ସ୍ଥିତି ଅଟେ ।

ସମର୍ପଣର ଏହି ଭାବଦଶାକୁ ପ୍ରାପ୍ତ କରିବା ମାତ୍ରେ ସାଧକର ମୁଣ୍ଡ ଉପରେ ତା'ର ବ୍ୟକ୍ତିଗତ ମାନ୍ୟତା, ମନକାମନା ଓ ଇଚ୍ଛାଗୁଡ଼ିକର ଟୋକେଇ ନୁହେଁ, ବରଂ ଭଗବାନଙ୍କ ମାନ୍ୟତା ଓ ଇଚ୍ଛାଗୁଡ଼ିକର ଟୋକେଇ ଥାଏ । ଭଗବାନ ଯାହା ତା' ହାତରେ କରାନ୍ତି ସେ ତାହା ହିଁ କରିଥାଏ । ତା' ଭିତରେ ବାସ କରୁଥିବା ଭଗବାନ ଯାହା ବିଚାର କରନ୍ତି, ସେ ତାହା ବିଚାର କରିଥାଏ । ସେ ଭଗବାନଙ୍କ ଅଧରରେ ଲାଗିଥିବା ବଂଶୀ ସମାନ ହୋଇଯାଏ, ଯେଉଁଥିରୁ ଏବେ ଭଗବାନଙ୍କ ସ୍ୱର ଶୁଭିଥାଏ, ଯଦ୍ୱାରା ଏବେ ଭଗବାନଙ୍କ ନିଜର ଗୀତ, ଭଗବାନଙ୍କ ଦ୍ୱାରା ଗାନ କରାଯିବାରେ ଲାଗେ । ସାଧକ କେବଳ ବଂଶୀ ସାଜି ଭଗବାନଙ୍କ ଅଧରରେ ବସିଥାଏ ମାତ୍ର । ତା ମଧରେ ତା' ନିଜର ସ୍ୱର କି ଗୀତ ନ ଥାଏ । ବଂଶୀରେ ସ୍ୱର ଭଗବାନଙ୍କର ଓ ଗୀତ ମଧ ତାଙ୍କର ହୋଇଥାଏ ।

ପୂର୍ଣ୍ଣ ସମର୍ପଣ ପରେ ସାଧକ ଏକ ସାଦା କାଗଜ ମାତ୍ର ହୋଇ ରହିଯାଏ । ଏପରି କାଗଜ, ଯେଉଁଥିରେ ସାଧକ ସ୍ୱୟଂ କିଛି ଲେଖି ନ ଥାଏ । ନିଜର ଇଚ୍ଛା କି ମାନ୍ୟତା କିଛି ଲେଖି ନ ଥାଏ । ସେଇ କାଗଜ ଏବେ ଖାଲି ଥାଏ, ଯାହା ଉପରେ କୌଣସି ଦାଗ, କୌଣସି ରେଖା ନ ଥାଏ, ତାହା କେବଳ ଧଳା କାଗଜ ମାତ୍ର ହୋଇଥାଏ । ସାଧକର ଏଭଳି ଖାଲି ହୃଦୟ ଉପରେ ହିଁ ଭଗବଦ୍‌ଇଚ୍ଛା ଅଙ୍କିତ ହୋଇପାରେ । ବାସ୍ତବରେ ମନୁଷ୍ୟର ଇଚ୍ଛା, ତା'ର ବ୍ୟକ୍ତିଗତ ଇଚ୍ଛା ତାକୁ ସୀମା ମଧରେ ବାନ୍ଧି ରଖିଥାଏ, ଅଟକାଇ ରଖିଥାଏ ।

ଯେପର୍ଯ୍ୟନ୍ତ ମନୁଷ୍ୟ, ଯେପର୍ଯ୍ୟନ୍ତ ସାଧକ ସମ୍ପୂର୍ଣ୍ଣ ରୂପେ ଖାଲି କାଗଜ ପରି ହୋଇଯାଏ ନାହିଁ, ସେପର୍ଯ୍ୟନ୍ତ ତା' ଉପରେ ଭଗବଦ୍‌ଇଚ୍ଛା ଅଙ୍କିତ କରାଯାଇ ପାରେ ନାହିଁ ଏବଂ ଯେପର୍ଯ୍ୟନ୍ତ ସାଧକର ଚିତ୍ତରେ, ହୃଦୟରେ, ଆତ୍ମାରେ ଭଗବାନଙ୍କ ଇଚ୍ଛା ଅଙ୍କିତ ହେବ ନାହିଁ, ସେପର୍ଯ୍ୟନ୍ତ ମନୁଷ୍ୟର, ସାଧକର ରୂପାନ୍ତରଣ ସମ୍ଭବ ନୁହେଁ ଏବଂ ସେପର୍ଯ୍ୟନ୍ତ ତାକୁ ଭଗବାନଙ୍କ ହାତର ଯନ୍ତ୍ର ହୋଇଯିବାର ଅବସର ଓ ସୁଯୋଗ ମିଳିପାରେ ନାହିଁ । ଏଣୁ ଭଗବଦ୍ ଇଚ୍ଛାକୁ ଧାରଣ କରିବା ପାଇଁ ମନୁଷ୍ୟର, ସାଧକର ଆତ୍ମସମର୍ପଣ, ସମ୍ପୂର୍ଣ୍ଣ ଆତ୍ମଦାନ ଆବଶ୍ୟକ ହୋଇଥାଏ ଏବଂ ଯେତେବେଳେ ସେ ଏପରି କରିନିଏ ସେତେବେଳେ ତା'ର ସ୍ଥିତି ଖାଲି କାଗଜ ଭଳି ହୋଇପାରେ, ଯାହା ଉପରେ ଭଗବାନ ସ୍ୱୟଂ କିଛି ଲେଖନ୍ତି, କିଛି ଅଙ୍କିତ କରନ୍ତି, ଯଦ୍ୱାରା ମନୁଷ୍ୟଙ୍କୁ କ୍ଷଣିକ ମଧରେ ଲୋକ-ପରଲୋକର ସମସ୍ତ ସୌନ୍ଦର୍ଯ୍ୟ, ସମସ୍ତ ଆନନ୍ଦ ହସ୍ତଗତ ହୋଇଯାଏ ।

ସମର୍ପଣର ଅର୍ଥ ହିଁ ହେଉଛି ସ୍ୱୟଂର ଅର୍ପଣ ଅର୍ଥାତ୍ ସ୍ୱୟଂକୁ ସମ୍ପୂର୍ଣ୍ଣ ରୂପେ ଦେଇଦେବା, ସ୍ୱୟଂକୁ ସମ୍ପୂର୍ଣ୍ଣ ଖାଲି କରିଦେବା । ପୂର୍ଣ୍ଣ ସମର୍ପଣର ଅର୍ଥ ହେଉଛି ସ୍ୱୟଂକୁ ସମଗ୍ର ରୂପେ, ସମ୍ୟକ୍ ରୂପେ ଖାଲି କରିଦେବା ପ୍ରଥମ ସମର୍ପଣ ମନରୁ ହୋଇଥାଏ । ତେଣୁକରି ପ୍ରଥମେ ମନ ଖାଲି ହୋଇଯାଏ । ପୁରୁଣା ଅଭ୍ୟାସ, ମାନ୍ୟତା, ଇଚ୍ଛା, ଚିନ୍ତା କରିବା ବିଚାର କରିବାର ପୁରୁଣା ଢ଼ଙ୍ଗ, ସବୁ ଶାନ୍ତ ହେବାରେ ଲାଗେ, ସମାପ୍ତ ହେବାରେ ଲାଗେ ତା'ର ମନ ସେତେବେଳେ ଭଗବାନଙ୍କ ମନ ହୋଇଥାଏ । ସେତେବେଳେ ତା'ର ମନ ମଧ ତା'ର ମନ ହୋଇ ରହେ ନାହିଁ, ବରଂ ଭଗବାନଙ୍କ ମନ ହୋଇଯାଏ । ଏପରି ସ୍ଥିତିରେ ତା'ର ଦେହ, ପ୍ରାଣ, ମନ, ବୁଦ୍ଧି ଆଦି ସବୁ ଭଗବାନଙ୍କର ହୋଇଯାଏ । ସେସବୁ ଭଗବାନଙ୍କର ଅଙ୍ଗ- ଅବୟବ ହୋଇଯାଏ ।

ସେତେବେଳେ ତା'ଦ୍ୱାରା ଭଗବାନ ହିଁ ଚିନ୍ତା କରନ୍ତି, ଭଗବାନ ହିଁ ବିଚାର କରନ୍ତି, ଭଗବାନ ହିଁ ତା' ହାତ ଦ୍ୱାରା ସବୁ କିଛି କରନ୍ତି । ସେ ତ ଭଗବାନଙ୍କ ହାତର ଏକ ଯନ୍ତ୍ର ମାତ୍ର ହୋଇଯାଏ । ସେ ପ୍ରତିକ୍ଷଣ ଅନୁଭବ କରିଥାଏ ଯେ ତା' ଭିତରେ ଏକ ଅସୀମ ଆନନ୍ଦର ଦରିଆ ପ୍ରବାହିତ ହେଉଛି । ତା' ଭିତରେ ଜ୍ଞାନର, ପ୍ରେମର ସାଗର ଉଦ୍‌ବେଳିତ ହେଉଛି, ଲହରାୟିତ ହେଉଛି ଏବଂ ସେଥିରେ ସେ ସାକ୍ଷୀ ଭାବରେ ପ୍ରବାହିତ ହେଉଛି । ବାସ୍ତବରେ ସମ୍ପୂର୍ଣ୍ଣ ସମର୍ପଣ ହିଁ ଭଗବତ୍‌କୃପା, ଭଗବତ୍‌ସ୍ପର୍ଶ ଓ ଭଗବତ୍ ପ୍ରାପ୍ତିର ଆଧାର । ସମ୍ପୂର୍ଣ୍ଣ ସମର୍ପଣ ଦ୍ୱାରା ହିଁ ସାଧକର ସମ୍ପୂର୍ଣ୍ଣ ରୂପାନ୍ତରଣ ହୋଇଥାଏ । ସମ୍ପୂର୍ଣ୍ଣ ସମର୍ପଣ ଦ୍ୱାରା ହିଁ ସାଧକ ଭଗବାନଙ୍କ ହାତର ଯନ୍ତ୍ର ହୋଇଥାଏ ।

# ସ୍ୱାସ୍ଥ୍ୟ ପାଇଁ ଭଲ ପିଜୁଳି

ଆମ ବାଡ଼ିବଗିଚାରେ ଏବଂ ବଜାରରେ ବହୁଳ ପରିମାଣରେ ପିଜୁଳି ମିଳିଥାଏ । ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ପିଜୁଳି ଖାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପିଜୁଳିରେ ଭିଟାମିନ୍ ସି, ଲାଇକୋପେନି ଏବଂ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର ମାତ୍ରାରେ ରହିଛି । ତେବେ ପିଜୁଳିରେ ବହୁ ମାତ୍ରାରେ ଫାଇବର ଏବଂ ଗ୍ଲାୟସେମିକ୍ ମାତ୍ରା ରହୁଥିବା କାରଣରୁ ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଉପକାରୀ । ପିଜୁଳିରେ ବହୁ ଗ୍ଲାୟସେମିକ୍ ମାତ୍ରା ରହୁଥିବାରୁ ହଠାତ୍ ଶର୍କରା ସ୍ତର ବୃଦ୍ଧି କରେ ନାହିଁ । ଏହା ବ୍ୟତୀତ ଏଥିରେ



ଫାଇବର ମାତ୍ରା ରହୁଥିବାରୁ ଶର୍କରା ନିୟନ୍ତ୍ରଣାଧୀନ ରହିଥାଏ ।

➤ ପିଜୁଳିରେ ପ୍ରୋଟିନ୍, ଭିଟାମିନ୍ ଏବଂ ଫାଇବର ମାତ୍ରା ରହୁଥିବାରୁ ଏହା ଶରୀରରେ ମେଟାବାଲିଜିମ୍ ବୃଦ୍ଧି କରିବା ସହ ଶରୀରର ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ପିଜୁଳି ଖାଇବା ଦ୍ୱାରା ପେଟ ଭରି ଯାଇଥାଏ । କିନ୍ତୁ କ୍ୟାଲୋରି ବହୁତ୍ କମ୍ ରହିଥାଏ । କଞ୍ଚା ପିଜୁଳିରେ କଦଳି, ସେଓ, କମଳା ଏବଂ ଅଙ୍ଗୁର ତୁଳନାରେ କମ୍ ଶର୍କରା ମାତ୍ରା ଥାଏ ।

➤ ପିଜୁଳିରେ ଭିଟାମିନ୍ ସି' ବହୁ ମାତ୍ରାରେ ଥାଏ । କମଳାଠାରୁ ୪ ଗୁଣ ଅଧିକ ଭିଟାମିନ୍ ସି' ରହିଛି । ଯାହାକି ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ୍ ଇମ୍ୟୁନିଟ୍ ଶକ୍ତି ବୃଦ୍ଧି କରିଥାଏ । ଏଥିସହିତ ଶରୀରକୁ ବିଭିନ୍ନ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିଥାଏ ।

➤ ଅନ୍ୟ ଫଳ ତୁଳନାରେ ପିଜୁଳିରେ ଡାଏଟରି ଫାଇବର ଅଧିକ ମାତ୍ରାରେ ଥାଏ । ଯାହାକି ଶରୀର ଆବଶ୍ୟକ କରୁଥିବା ୧୨ ପ୍ରତିଶତ ଫାଇବାକୁ ପୂରା କରିପାରିବ । ହଜମ ଶକ୍ତି ବୃଦ୍ଧି କରିବା ଏହା କୌଣସି ରାମବାଣ ଔଷଧ ଠାରୁ ମଧ କମ୍ ନୁହେଁ । ପିଜୁଳି ମଞ୍ଜି ପେଟକୁ ସଫା କରିବାରେ ସାହାଯ୍ୟ କରିଥାଏ ।

➤ ପିଜୁଳି ପତ୍ରରେ ଆଣ୍ଟି ଇନଫ୍ଲେମେଟାରି ଏବଂ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଥାଏ । ଯାହାକି ଦାନ୍ତରେ ହୋଇଥିବା ସଂକ୍ରମଣ ଦୂର କରିବା ସହ ଜୀବାଣୁ ମାରିବାରେ ସହାୟକ ହୋଇଥାଏ । ଦାନ୍ତ ବିନ୍ଧୁଥିଲେ ପିଜୁଳି ପତ୍ର ରସ ଦାନ୍ତ ଏବଂ ମାଢ଼ିରେ ମାଲିସ୍ କଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

## ବ୍ରଜରାଜନଗର ଉପନିର୍ବାଚନରେ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଏହା ସତ୍ତ୍ୱେ କିଶୋର କଂଗ୍ରେସ ଭୋଟକୁ କିଛି ପରିମାଣରେ ଧ୍ରୁବୀକରଣ କରିପାରନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି । ଯାହା ବିଜେପି ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି ।

ବିଜୁ ଜନତା ଦଳ ପକ୍ଷରୁ ଦିବଂଗତ ବିଧାୟକ କିଶୋର ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତିଙ୍କୁ ଟିକଟ ମିଳିଛି । ଦଳ ପକ୍ଷରୁ ଅନେକ ଟିକଟ ପାଇଁ ଆଶାୟୀ ଥିଲେ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଳକାଙ୍କୁ ଟିକଟ ଦେବା ଘଟଣା କେବଳ ଦଳ ମଧରେ ନୁହେଁ ସାଧାରଣ ଲୋକମଧ ତାଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ବିଜୁ ଜନତା ଦଳ ପ୍ରତି ଦିବଂଗତ ମହାନ୍ତିଙ୍କ ଆନୁଗତ୍ୟ ଓ ପଶ୍ଚିମ ଓଡ଼ିଶାରେ ଦଳକୁ ସକ୍ରିୟ କରିବାରେ ତାଙ୍କର ଅବଦାନ ପାଇଁ ତାଙ୍କ ପତ୍ନୀକୁ ଟିକଟ୍ ନିଶ୍ଚିତ ମିଳିବ ବୋଲି କୁହାଯାଉଥିଲା ।

ଅଳକାଙ୍କ ରାଜନୈତିକ କ୍ୟାରିଅର୍ ସେପରି କିଛି ନ ଥିଲେ ବି ତାଙ୍କ ସ୍ୱାମୀ କିଶୋରଙ୍କ ଯୋଗୁଁ ସେ ନିର୍ବାଚନ ମଣ୍ଡଳୀର ଘରେ ଘରେ ପରିଚିତ । କିଶୋରଙ୍କୁ ସମସ୍ତେ ଭଲ ପାଉଥିବାରୁ ଏହାର ଫାଇଦା ସିଧାସଳଖ ତାଙ୍କ ପତ୍ନୀକୁ ମିଳିବ । ଏଥିସହ ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜୁ ଜନତା ଦଳ ଖୁବ୍ ଭଲ ପ୍ରଦର୍ଶନ କରିଥିବାରୁ ଦଳ ନିଶ୍ଚିତ ଜିତିବ ବୋଲି ଦଳୀୟ କର୍ମୀମାନେ ଖୁବ୍ ଆଶାବାଦୀ । ଦେଖିବାକୁ ଗଲେ ଅଳକାଙ୍କ ବାପ ଘର ମଧ ପଶ୍ଚିମ ଓଡ଼ିଶାରେ ବେଶ୍ ପରିଚିତ । ସେ ହେଉଛନ୍ତି ସମ୍ବଲପୁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜମୋହନ ପଟ୍ଟନାୟକଙ୍କ ନାତୁଣୀ ତଥା ନବୀନ ପଟ୍ଟନାୟକ ଓ ଚାରୁଶୀଳା ପଟ୍ଟନାୟକଙ୍କ କନିଷ୍ଠା କନ୍ୟା । ତାଙ୍କର ୧୦ ଭାଇ ଓ ଭଉଣୀଙ୍କ ମଧରେ ଅଳକା ସର୍ବ କନିଷ୍ଠା । ତାଙ୍କର ଜନ୍ମ ୧୯୭୦ ମସିହାରେ ସମ୍ବଲପୁର ପଟ୍ଟନାୟକପଡ଼ା ଠାରେ ହୋଇଥିବା ବେଳେ ସ୍ଥାନୀୟ ବ୍ରଜମୋହନ ପଟ୍ଟନାୟକ ୟୁପି ସ୍କୁଲରେ ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା । ସେହିପରି ସେ ଲେଡି ଲୁଇସ୍ ବାଳିକା ହାଇସ୍କୁଲରୁ ମାଟ୍ରିକ୍ ପାସ କରିଥିଲେ । ଏହାବାଦ ସମଲପୁର ସରକାରୀ ମହିଳା କଲେଜର ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ପୂର୍ବରୁ ସେ ସିଧାସଳଖ ରାଜନୈତିକ ମୈଦାନକୁ ଓହ୍ଲାଇ ନ ଥିଲେ ବି ସ୍ୱାମୀ ସହିତ ରହି ଅନେକ ନିର୍ବାଚନର ଗୋଟି ଚାଳନାରୁ ଅନେକ ଶିକ୍ଷା ପାଇଛନ୍ତି । ଦଳୀୟ ନେତାଙ୍କ ସହଯୋଗରେ ସେ ଅତି ସହଜରେ ନିର୍ବାଚନ ବୈତରଣୀ ପାର୍ ହେବାକୁ ଆଶା ରଖିଛନ୍ତି ।

ଅପରପକ୍ଷେ କିନ୍ତୁ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଛବି ଏବଂ ଅଳକା ମହାନ୍ତିଙ୍କ ପ୍ରତି ଅନୁକମ୍ପା ବିଜେଡିର ବଳକୁ ଚାରିଗୁଣା କରିଛି । ଯାହାଫଳରେ ବିଜେଡି ଉପନିର୍ବାଚନରେ ବେଶ୍ ସୁବିଧାଜନକ ସ୍ଥିତିରେ ରହିଛି ବୋଲି ରାଜନୈତିକ ବିଶାରଦମାନେ ମତପୋଷଣ କରିଛନ୍ତି ।

ଦିନକୁ ଦିନ ଦୁର୍ବଳ ହୋଇ ପଡୁଥିବା କଂଗ୍ରେସ ଦଳ ବ୍ରଜରାଜନଗରରେ ଜଣେ ଅଭିଜ୍ଞ ରାଜନୀତିଜ୍ଞଙ୍କୁ ପ୍ରାର୍ଥୀ କରିଛି । ଏଠାରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପୂର୍ବତନ ବାଚସ୍ପତି କିଶୋର ପଟେଲଙ୍କ ରାଜନୈତିକ କ୍ୟାରିଅର୍ ଖୁବ୍ ଲମ୍ବା । ସେ ସୁନ୍ଦରଗଡ଼ ଜିଲ୍ଲାରେ ରାଜନୈତିକ କ୍ଷେତ୍ରରେ ବେଶ୍ ପରିଚିତ ମୁହଁ । ତେବେ ସୁନ୍ଦରଗଡ଼ ବିଧାନସଭା ଆସନଟି ଆଦିବାସୀଙ୍କ ପାଇଁ ସଂରକ୍ଷିତ ହେବା ପରେ ସେ ଝାରସୁଗୁଡ଼ା ଜିଲ୍ଲା ମୁହାଁ ହୋଇଛନ୍ତି । ଗତ ପ୍ରାୟ ୨୦ ବର୍ଷ ହେଲା ସେ ଝାରସୁଗୁଡ଼ା ଜିଲ୍ଲାରେ ନିଜର ରାଜନୈତିକ ଗତିବିଧି ଜାରି ରଖିଛନ୍ତି । ତାଙ୍କର ବ୍ୟବସାୟିକ ସମ୍ପର୍କ ବ୍ରଜରାଜନଗର ଓ ଝାରସୁଗୁଡ଼ା ଜିଲ୍ଲାରେ ଅଧିକ । ପୂର୍ବରୁ ବ୍ରଜରାଜନଗର ଆସନରେ ଦୀର୍ଘ ବର୍ଷ ଧରି କଂଗ୍ରେସର ପତିଆରା ରହିଥିଲା । ଏବେ କିଶୋର ପଟେଲ ଭଳି ନେତାଙ୍କ ଆଗମନ ଅନ୍ୟ ପ୍ରାର୍ଥୀଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିବା ସ୍ୱାଭାବିକ । ରାଜନୈତିକ ଅଭିଜ୍ଞତା, ଅର୍ଥବଳ ଦୃଷ୍ଟିରୁ କିଶୋର ଅନ୍ୟମାନଙ୍କ ଠାରୁ ପଛରେ ନାହାନ୍ତି । ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରତି ସମର୍ଥନ ଥିବାରୁ ତାଙ୍କ ଲଢେଇ ଅଧିକ ପ୍ରଭାବଶାଳୀ ହେବ ବୋଲି ଆଲୋଚନା ହେଉଛି ।

ବିଜେପିର ରାଧାରାଣୀ ପଣ୍ଡା ମଧ ରାଜନୀତି ଦୃଷ୍ଟିରୁ ବେଶ ଅଭିଜ୍ଞ । ରାଜ୍ୟରେ ବିଜେଡି ହାୱା ବହୁଥିବା ବେଳେ ସେ ବ୍ରଜରାଜନଗରରେ ବିଜେଡି ପ୍ରାର୍ଥୀଙ୍କୁ ପରାଜିତ କରି ସେ ବିଜୟୀ ହୋଇଥିଲେ । ରାଧାରାଣୀ ଏହି ନିର୍ବାଚନ ମଣ୍ଡଳୀରୁ ଅନେକ ଥର ଲଢି ପରାଜିତ ହୋଇଛନ୍ତି । ମେଣ୍ଟ ପ୍ରାର୍ଥୀ ଭାବେ ବିଜେଡିରୁ ସେ ପ୍ରାର୍ଥୀ ହୋଇଥିବା ବେଳେ ଅନେକ ଥର ସ୍ୱାଧୀନ ପ୍ରାର୍ଥୀ ଭାବେ ମଧ ନିର୍ବାଚନ ଲଢି ଘରେ ଘରେ ପରିଚିତ ଅଛନ୍ତି । ସେହିପରି ବରଗଡ଼ ଲୋକସଭା ଆସନରୁ ମଧ ସେ ନିର୍ବାଚନ ଲଢିଛନ୍ତି । ଯଦି ଦଳୀୟ ସମର୍ଥନ ଠିକ୍ ଭାବେ ମିଳେ, ତେବେ ରାଧାରାଣୀ ନିଶ୍ଚିତ ଭାବେ ପ୍ରତିଦ୍ୱନ୍ଦୀଙ୍କ ମୁଣ୍ଡବ୍ୟଥା ପାଲଟିବେ ଏବଂ ବିଜୟୀ ହେବା କିଛି ଅସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଉଛି ।

ଆସନ୍ତା ୧୭ ତାରିଖ ଦିନ ପ୍ରାର୍ଥୀ ପ୍ରତ୍ୟାହାରର ଶେଷ ଦିବସ ହୋଇଥିବାରୁ କେତେଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନାରେ ଅବତୀର୍ଣ୍ଣ ହେବେ ତାହା ସ୍ପଷ୍ଟ ଜଣାପଡିବ । ଆଗାମୀ ୩୧ ତାରିଖରେ ଉପନିର୍ବାଚନ ପାଇଁ ବ୍ରଜରାଜନଗରବାସୀ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି । ଭୋଟ ଗଣତି ୩ ତାରିଖରେ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ବ୍ରଜରାଜନଗରବାସୀ କାହା ଉପରେ ଭରଷିଛନ୍ତି ସେନେଇ ସ୍ପଷ୍ଟ ହେବ ।

## ବେଦାନ୍ତକୁ ପୁଣି...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ପରିବେଶଜନିତ କ୍ଷତିପୂରଣ ବାବଦକୁ ଏକ କୋଟି ରାଶିକୁ ବେଦାନ୍ତ କମ୍ପାନୀ ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଜମା କରିବେ । କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ରାଶି ଜମା କରିବାରେ ବିଫଳ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ଏନଜିଟିରେ ଅଭିଯୋଗ ଅନୁଯାୟୀ ଶ୍ରୀ ଧଳଙ୍କ ନିଜସ୍ୱ ଜମି ଓ ପୋଖରୀ ସମେତ ଜଙ୍ଗଲ କିଷମ ସରକାରୀ ଜମିରେ ବେଦାନ୍ତ ତରଫରୁ କୋଇଲା ପାଉଁଶଗୁଣ୍ଡ ପକାଯାଇଥିଲା । ଏହାଦ୍ୱାରା ଜମି ଓ ଏହାର ଉର୍ବରତା ନଷ୍ଟ ହୋଇ ଯାଇଥିଲା । ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ଲାଗି ଏନଜିଟି ତରଫରୁ ଗଠିତ ଅନୁଧାନକାରୀ କମିଟି ରିପୋର୍ଟରେ ଦର୍ଶାଯାଇଥିଲା ଯେ ୨୦୨୦ ବର୍ଷା ଋତୁରେ ପାଉଁଶ ପୋଖରୀରୁ ପାଉଁଶ ମିଶ୍ରିତ ଜଳ ନିଷ୍କାସିତ ହୋଇ ଶ୍ରୀ ଧଳଙ୍କ ଜମି ଉପରେ ମାଡ଼ି ଯାଇଥିଲା । ଏଥିସହ ଜଙ୍ଗଲ ଜମିରେ କୋଇଲା ପାଉଁଶ ଜମା କରାଯିବା ବିଷୟରେ ମଧ ଉଲ୍ଲେଖ ରହିଥିଲା । ନାଳ ଏବଂ ଜଙ୍ଗଲ କିଷମ ଜମି ଉପରୁ ପାଉଁଶ ଉଠାଇ ପୁନରୁଦ୍ଧାର କରିବା ତଥା ଜମିର ପ୍ରାକୃତିକ ଅବସ୍ଥା ଫେରାଇ ଆଣିବା ଲାଗି ବେଦାନ୍ତ କମ୍ପାନୀ ୫ କୋଟି ୫୧ ଲକ୍ଷ ୩୧ ହଜାର ଟଙ୍କା ଖର୍ଚ୍ଚ କରିଥିବା ବିଷୟରେ ଏନଜିଟିଙ୍କୁ ଜଣାଇଥିଲା । ତେବେ କେବଳ ଜମି ପୁନରୁଦ୍ଧାର କଲେ ଚଳିବ ନାହିଁ, ପରିବେଶଜନିତ କ୍ଷତିପୂରଣ କମ୍ପାନୀକୁ ଦେବାକୁ ପଡ଼ିବ ବୋଲି ଏନଜିଟି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ସେହିପରି କମ୍ପାନୀ କର୍ତ୍ତୃପକ୍ଷ ନିଜ ଖର୍ଚ୍ଚରେ ଆଇଆଇଟି ଅଥବା ଏନଆଇଟି ଭଳି ଜାତୀୟ ସ୍ତରର ପ୍ରତିଷ୍ଠିତ ସଂସ୍ଥା ଦ୍ୱାରା ପାଉଁଶ ପୋଖରୀ ବନ୍ଧର ଦୃଢ଼ତା ମାପିବେ । ଏଥିସହ ପୁନରୁଦ୍ଧାର ହୋଇଥିବା ଜମିରେ ମୃତ୍ତିକା ଆସ୍ତରଣର ଉଚ୍ଚତା ଜାଣିବାକୁ ବିଶେଷଜ୍ଞ ଭଳି ସଂସ୍ଥାର ସହାୟତା ନେବେ ବୋଲି ରାୟରେ ଉଲ୍ଲେଖ ରହିଛି ।

## ଶୀତଳଷଷ୍ଠୀ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ

ସମ୍ବଲପୁର : ନନ୍ଦପଡା, ଝାଡୁଆପଡା ଓ ମୋଦିପଡା ଶୀତଳଷଷ୍ଠୀ ଯାତ୍ରା କମିଟି ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳ ରାଜଧାନୀ ଭୁବନେଶ୍ୱର ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଆଇନ ମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ ରାଜ୍ୟ ଶାସକ ଦଳର ବିଧାୟକ ପ୍ରଣବ କିଶୋର ଦାଶ (ବବି) ଙ୍କୁ ସାକ୍ଷାତକାର କରିଛନ୍ତି । କମିଟିର ପ୍ରତିନିଧି ଦଳ ଉଭୟ କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ମାନଙ୍କୁ କୋଭିଡର କରାଳ ସଙ୍କଟର ୨ ବର୍ଷ ପରେ ଆୟୋଜିତ ହେଉଥିବା ୩ ଶହ ବର୍ଷରୁ ଉର୍ଦ୍ଧ ପୁରାତନ ଧାର୍ମିକ ମହୋତ୍ସବ ଶୀତଳଷଷ୍ଠୀ ଯାତ୍ରାକୁ ନିମନ୍ତ୍ରଣ କରିଛନ୍ତି । ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୂଜାରୀ ଓ ନାଉରୀ ନାୟକଙ୍କ ସହିତ ପ୍ରତିନିଧି ମଣ୍ଡଳ ମନ୍ତ୍ରୀ ମାନଙ୍କୁ ଶୀତଳଷଷ୍ଠୀ ଯାତ୍ରାର ଫଟୋ ଚିତ୍ର ପ୍ରଦାନ କରି ଯାତ୍ରା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

## ସମଲେଶ୍ୱରୀଙ୍କ ମନ୍ଦିରରେ ଆରମ୍ଭ ହେଲା ସାଉଣ୍ଡ ଓ ଲାଇଟ୍ ସୋ

ସମ୍ବଲପୁର : ଉଦଘାଟନର ଦୀର୍ଘ ୮ ମାସ ପରେ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ବହୁ ପ୍ରତୀକ୍ଷିତ ସାଉଣ୍ଡ ଓ ଲାଇଟ୍ ପ୍ରକଳ୍ପ ଆରମ୍ଭ ହୋଇଛି । ଏହି ଉଭୟ ଓଡିଆ ଏବଂ ଇଂରାଜୀ ଭାଷାରେ ପ୍ରଦର୍ଶିତ ଏହି ସୋ ରେ ସମ୍ବଲପୁର ତଥା ପଶ୍ଚିମ ଓଡିଶାର ମହାନ ଐତିହ୍ୟ ଏବଂ ସଂସ୍କୃତିର ମହାନତା ପ୍ରତିଫଳିତ ହୋଇଛି । ତେବେ, ଛାତ୍ରଛାତ୍ରୀ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଟିକଟରେ ରିହାତି ବ୍ୟବସ୍ଥା କରାଯାଇଛି ।



ଗତବର୍ଷ ସେପଟେମ୍ବର ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଉଦଘାଟନ ହୋଇଥିଲା । ହେଲେ ଉଦଘାଟନୀ ସୋ ରେ ପ୍ରଦର୍ଶିତ ଚିତ୍ରକୁ ନେଇ ବିବାଦ ମୁଣ୍ଡ ଟେକିଥିଲା । ମାଁଙ୍କ ମୁଣ୍ଡରେ ଏକ ଯୋତାର ଫଟୋ ପଡିବାକୁ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଆଉ ସୋ ଉଦଘାଟନ ହୋଇଥିଲେ ବି ଆରମ୍ଭ ହୋଇପାରିନଥିଲା । ସେପଟେ, କୋଭିଡ୍ କଟକଣା ମଧ୍ୟ ଏହାର ଶୁଭାରମ୍ଭରେ ଅନ୍ତରାୟ ସୃଷ୍ଟି କରିଥିଲା । ତେବେ, ଇତିମଧ୍ୟରେ ଉକ୍ତ ବିବାଦୀୟ ଅଂଶକୁ ବାଦ୍ ଦେବା ସହ ନୂତନ କରି ସଂପାଦିତ ଭିଡିଓ ସହ ସୋ ଆରମ୍ଭ ହୋଇଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଶ୍ରୀ ଶ୍ରୀ ଲୋକେଶ୍ୱର ମହାଦେବଙ୍କ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ












ରାୟଗଡ଼ : ସରିଆ ନିକଟସ୍ଥ ଲୁକାପଡ଼ା ଗ୍ରାମରେ ଶ୍ରୀ ଶ୍ରୀ ଲୋକେଶ୍ୱର ମହାଦେବଙ୍କ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱାତ୍ମ ଚେତନା ପରିଷଦର ଅଧ୍ୟକ୍ଷ ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ବାହାର ରାଜ୍ୟରୁ ଆସିଥିବା ବହୁ ସନ୍ଥ ତଥା ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏହାଛଡ଼ା ବଲାଙ୍ଗୀରର ଶ୍ରୀ ସୁରେନ୍ଦ୍ର ତ୍ରିପାଠୀ ମଧ ରାମଚରିତ ମାନସ ପାଳନ କରିଥିଲେ । ଏହି ଅବସରରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବର ଚତୁର୍ଥ ଦିନରେ ଚିତ୍ରକୁଟସ୍ଥ କାମଦ-ପୀଠାଧିଶ୍ୱର ଜଗତ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଶ୍ରୀ ରାମ ସ୍ୱରୂପାଚାର୍ଯ୍ୟ ଜୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଲୋକେଶ୍ୱରାଷ୍ଟକମ' ଜଗଦ୍‌ଗୁରୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ ପୁରୀରୁ ଆସିଥିବା ବ୍ରଜବାବା, ସ୍ୱାମୀ ପରମାନନ୍ଦ, ରାୟପୁରର ପୁରନ୍ଦର ମିଶ୍ର, ଭୁବନେଶ୍ୱର ଦୁରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ ନିର୍ଦ୍ଦେଶକ ନିଳାଦ୍ରୀ ମୋହନ ଶତପଥୀ ଓ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ଭିକମପୁରାର ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଲୁକାପଡ଼ା ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କରି ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଭବ୍ୟ ମନ୍ଦିର ନିର୍ମିତ ହୋଇଛି ।

## ଓ.ପି ସିଂଙ୍କୁ ଶ୍ରେଷ୍ଠ ସିଇଓ କର୍ପୋରେଟ୍ ମ୍ୟାନେଜମେଣ୍ଟ ପୁରସ୍କାର



ବୁର୍ଲା: ଏମ୍‌ସିଏଲ୍‌ର ସିଏମ୍‌ଡି ଓ.ପି ସିଂ ଶ୍ରେଷ୍ଠ ସିଇଓ କର୍ପୋରେଟ ମ୍ୟାନେଜମେଣ୍ଟ ପୁରସ୍କାର ପାଇଛନ୍ତି । ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡି.ଡି ମିଶ୍ର ଓ ନାଲକୋର ପୂର୍ବତନ ସିଏମ୍‌ଡି ଡ.ଟି.କେ ଚାନ୍ଦ ଉପଢୌକନ ଓ ମାନପତ୍ର ପ୍ରଦାନ କରି ଶ୍ରୀ ସିଂହଙ୍କୁ ସମ୍ମାନିତ କରିଥିଲେ ।

## ଶ୍ରୀଅରବିନ୍ଦ ଆଶ୍ରମକୁ ପଙ୍ଖା ପ୍ରଦାନ



ବୁର୍ଲା: ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଶ୍ରୀଅରବିନ୍ଦ ଆଶ୍ରମକୁ ୪ଟି ପଙ୍ଖା ପ୍ରଦାନ କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଶ୍ରମରେ ରହୁଥିବା ଶିଶୁଙ୍କ ପାଇଁ ଏହି ପଙ୍ଖା ଯୋଗାଇ ଦିଆଯାଇଛି । ଜାଗୃତି ମହିଳା ମଣ୍ଡଳର ଅଧ୍ୟକ୍ଷା ପଦ୍ମଜା ସିଂହ, ଉପାଧ୍ୟକ୍ଷା ପଦ୍ମିନୀ ବାସୁଦେବନ୍ ଏବଂ ସରିତା ପଟେଲ୍ ପ୍ରମୁଖଙ୍କ ସମେତ ବହୁ ସଦସ୍ୟା ଶ୍ରୀଅରବିନ୍ଦ ଆଶ୍ରମ ପରିଦର୍ଶନ କରିଥିଲେ ।

## ସମ୍ବଲପୁର ରେଳ ମଣ୍ଡଳରେ ଆନ୍ତର୍ଜାତୀୟ ସେବିକା ଦିବସ

ସମ୍ବଲପୁର: ସମ୍ବଲପୁର ରେଳ ମଣ୍ଡଳରେ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଛି । ଡାକ୍ତର ପି.ରାଜକୁମାରୀଙ୍କ ସଂଯୋଜନାରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା କଲ୍ୟାଣ ସଂଗଠନର ଅଧ୍ୟକ୍ଷା ଇଷା ମଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରର ସଂଯୋଜନା କରଥିଲେ । ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡାକ୍ତର ଡି.ରାମାରାଓ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡାକ୍ତର ଏମ୍.କେ ବେହେରା ଓ ସମସ୍ତ ନର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ ।

## ଗୁଡ଼େଶ୍ୱର ବାବାଙ୍କ ଥାଳଉଠା ସମ୍ପନ୍ନ



ସମ୍ବଲପୁର: ଦୁର୍ଗାପାଲିର ଶ୍ରୀ ଶ୍ରୀ ଗୁଡ଼େଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା ସମ୍ପନ୍ନ ହୋଇଯାଇଛି । ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଓ ସମୀର ଶତପଥୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ଥାଳ ଉଠା ଅନୁଷ୍ଠିତ ହୋଇଥିଲା । ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ହେମନ୍ତ କୁମାର ମହାପାତ୍ର, ସଦସ୍ୟ ଗୌରୀଶଙ୍କର ଦାଶ, ଦୀନଦୟାଲ ଅଗ୍ରୱାଲ, ହରିଶ ଅଗ୍ରୱାଲ, ଲଳିତ ଅଗ୍ରୱାଲଙ୍କ ସମେତ କମଳ ସୋନୀ, ଧନରାଜ ସୌଦାଗର, ବିଜୟ ସୁନା, କୈଳାଶ ଅଗ୍ରୱାଲ, ମନ୍ଦିର ପୂଜକ ରାଜକିଶୋର ମହାପାତ୍ର, ରାଜେନ୍ଦ୍ର ହୋତା ଓ ସତ୍ୟ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ କ୍ଷେତରାଜପୁର ତିୱାରୀ ଗଳିର ସୀତାରାମ ଅଗ୍ରୱାଲ (ବଡ଼ମାଳୱାଲା) ଏବଂ ତାଙ୍କ ଧର୍ମପତ୍ନୀ ମମତା କନ୍ୟାପିତା-ମାତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

## ରେଙ୍ଗାଲି ଥାନାରେ ରକ୍ତଦାନ ଶିବିର




ସମ୍ବଲପୁର: ରେଙ୍ଗାଲି ଥାନାରେ ଅନୁଷ୍ଠିତ ଏକ ରକ୍ତଦାନ ଶିବିରରେ ମୋଟ୍ ୧୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଶିବିରକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ମହାନ୍ତି ଉଦ୍‌ଘାଟନ କରିଥିଲେ । ଏସ୍‌ଡିପିଓ ପ୍ରଦୀପ ସାହୁ ଏବଂ ଆଇଆଇସି ଧବଳେଶ୍ୱର ସାହୁ ଉପସ୍ଥିତ ଥିଲେ । ବୁର୍ଲା ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ଶିବିର ପରିଚାଳନା କରିଥିଲେ । ହାବିଲଦାର ଏବଂ କନେଷ୍ଟବଳ ଶାଖା ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ରେଙ୍ଗାଲି ଥାନାର ଷ୍ଟାଫ୍ ସହଯୋଗ କରିଥିଲେ । ଏସ୍‌ଡିପିଓ ଶ୍ରୀ ସାହୁ ଓ ଆଇଆଇସି ଶ୍ରୀ ସାହୁଙ୍କ ସମେତ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra